ଧରିତ୍ରୀ 52 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୬/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, March 16/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୧୧୦ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 110 | ମୂଲ୍ୟ₹୭/-



YUVODAYA NON-NEGOTIABLE ACADEMICS

YSAT 2.0 YUVODAYA SCHOLARSHIPS & ADMISSION TEST

TEST DATE 22nd March, 2026 | TIME DURATION 2 hours (60 questions) | SUBJECTS Phy, Chem, Math, Biology

Eligibility: 10th Board appeared students in 2026 (CBSE & ICSE)

ENROLL NOW

You never know, how far we'll take you

CBSE XI - XII (Science) with IIT & Medical Coaching

BHUBANESWAR : NEW AIRPORT SQUARE, GANGANAGAR 9937438936 / 9040064200
BERHAMPUR : NEAR INCOME TAX OFFICE, AMBAPUA 9777765444 / 8658265444
BALANGIR : HATISAL PADA, NEAR TREASURY OFFICE 9777884488 / 9437367867

ADMISSIONS OPEN

YUVEDGE advanced batches — Session: 2026-2027 DIRECT ADMISSIONS without waiting for 10th Results
For 10th Board appeared students (CBSE, ICSE, BSE)
BATCH START DATE: CBSE - 2ND APRIL / CHSE - 30TH MARCH

+2 SCIENCE with IIT & Medical Coaching CHSE

Residential Campus: SAKMA, BALANGIR 9437020378 / 8917281067
Day-Boarding Campus: HATISAL PADA, BALANGIR 9777884488 / 9938086842

TOP RANKERS OF YUVODAYA IN CBSE 12TH BOARD EXAMINATION - 2025

97% KRITI SAMANTARAY, 96.4% SIMPAL PATTNAIK, 96.2% KRUTIKA SAHU, 95.4% PRATYIKSHA P. PATRA, 95% RAJU MEHER, 94.2% SIDDHARTH S. DHAR, 95% SAMBIT PUJHARI, 93.6% SUBHASHREE BISWAL, 92.8% DHRUV PANIGRAHI, 92.6% KHUSI MISHRA, 92.6% BIBEKANANDA BEHERA, 92.2% KEDAR KALYAN CHHURA, 92.2% PRASANTA BIBHAR, 92.2% SIMORE KUMAR ROUT, 92% RUSHYASHRINGA KARUAN, 92% DEBAJANI MEHER, 91.8% AVIPSA AMRITA NAIK, 91.6% PREM KUMAR MEHER, 91.4% MIRAJ KUMAR BHOI, 91.4% SMRUTIREKHA JETHI, 91.2% KAMLESH SAHU, 90.8% SARTHAK K. MISHRA, 90.8% SIDDHI PANIGRAHI, 90.6% ADYASHA NAYAK, 90.6% RAJ BHILEPARIA, 90.6% RESHMA PANDA, 90.6% SWAYAM BEHERA, 90% UTPAL KU. KAR, 90% BIVASH R. GOPAL, 90% DEEPIKA RANI BHOI, 90% RAHUL KHAMARI, 90% SHREYAN NAYAK

90% ABOVE: 32 STUDENTS | 80% ABOVE: 128 STUDENTS | 70% ABOVE: 264 STUDENTS | 372 FIRST DIVISIONS

98.97 SHLOK SOURAV SAHU, 98.81 OMPRAKASH PADHAN, 99.83 KAUSHIK KUMAR SAHU, 98.64 DHARMESH DARSHAN SETH, 98.61 ARYA SLOK MUND, 98.41 BIBHUDATTA GARTIA, 98.10 BAIBHAB DASH, 98.05 BISWAJIT SAHU, 97.99 ANANYA PADHAN, 97.97, 97.84, 97.78, 97.76, 97.75, 97.65, 97.53, 97.34, 97.12, 96.45, 96.40, 96.34, 96.32, 96.09, 96.04, 95.92, 95.86, 95.82

iit HUB YUVODAYA

95.81, 95.68, 95.56, 95.55, 95.48, 95.45, 95.44, 95.09, 95.09, 95.02, 95.01, 95.00, 94.89, 94.81, 94.42, 94.37, 94.23, 93.94, 93.91, 93.78, 93.78, 93.73, 93.56, 93.54, 93.04, 92.94, 92.88, 92.88, 92.55, 92.46, 92.34, 92.26, 92.22, 92.19, 92.12, 92.09, 91.93, 91.82, 91.68, 91.30, 91.28, 91.27, 91.11, 91.11, 90.95, 90.94, 90.85, 90.67, 90.63, 90.32, 90.10

JEE Main-2026 Phase-I

+2 SCIENCE STATE TOPPERS IN CHSE BOARD EXAMINATION - 2025

577 TILAK HOTA, 570 NAINA BARIK, 569 AYUSH PATEL, 569 PRATYUSH DASH, 567 DEBESH SAHU, 565 PURUSOTTAM NAIK, 564 SAMIKSHYA PATEL, 563 SOUMYA RANJAN SAHU, 563 JASHOBANTA MEHER, 560 NAINA PRADHAN, 560 SHUBHASHREE BUDEK, 560 SUBHENDU PATEL, 560 SWAYAM SUNDAR MEHER, 559 ADHAR MEHER, 559 ASHIRBAD TRIPATHY, 558 BIBHUDATTA GARTIA, 557 NISHANT KU. SAHU, 556 ADWAIT PANDA, 556 ARCHANA MEHER, 556 OMPRAKASH PADHAN, 556 ARMAN PANDA, 555 KRISHNA ADABANKA, 555 SUBHRANSU S. PUTEL, 555 AMLAAN KUMBHAR, 555 SHUBHENDU NAIK, 554 ANWESH PATEL, 554 DHITOSH BHOI, 553 ARPITA PRIYADARSHANI, 553 MANITA THAKUR, 553 PRATIBHA PADHAN, 553 ADYASHA PADHI, 553 PRIYAM P. PANIGRAHI, 552 APARNNA MAHAPATRA, 552 SHRUTIMAYEE BHOI, 552 OMSHREE BAG, 551 SUBHAM MEHER, 550 SUBHAM KU. SAHU, 550 AYUSH PADHAN, 550 SAMIR SAHU, 549 YASHBARDHAN NAKHIR, 548 JINA MEHER, 548 SNEHA MEHER, 547 SRIYANSHA SWAIN, 547 PRIYADARSHINI NAIK, 546 SHILPI SWARUPA MEHER, 545 ANKITA PADHAN, 545 RATANS MEHER, 545 SWABHIMAN PANIGRAHI, 545 DIBYAM SAHU, 544 PRITISH CH. SAHU, 544 ROSHAN SAHU, 544 SANKET DASH, 543 ROHAN RAJ DIP, 543 SEEMA MEHER, 543 KRISHNAMAYEE SARANGI, 542 PRITISH SAHU, 542 RAMANANDA NAIK, 541 GUNAMANI MEHER, 541 SANCHITA PADHEE, 541 SOUMYA R. SAHU, 541 SMRUTIREKHA PRADHAN, 540 AKANKSHYA PADHAN, 540 SAMIKSHYA DASH, 540 SHASHWAT KU. DASH

THE DECADE THAT WAS
★ Highest 90%+ achievers from Western Odisha
★ Highest State Toppers from Western Odisha
★ Highest Freshers in IITs, AIIMS, NITs & Govt. MBBS
★ Highest laptop awardees from Western Odisha
★ Highest 500+ mark achievers
★ Maximum highest marks in all subjects
★ Highest First Divisions consistently
★ Highest nos. of transformation from A2 to A1

NEET - 2025 : A DECADE LONG SUCCESS RATE SUPREMACY PREVAILED (The Harder the Exam, the better are the Yuvodayans)

110 GOVT. MBBS

2025 JEE CHAMPS
IIT Bombay SWAYAM SUNDAR MEHER, IIT Bombay KRISHNAS MISHRA, IIT Kanpur PURUSHOTTAM BHOINA, IIT Kharagpur KAMLESH SAHU, IIT Kharagpur RUCHISMITA PRADHAN, IIT Dhanbad AMIYA GARTIA

NEET - 2026 CRASH COURSE STARTING FROM 25TH MARCH 2026

ADMISSIONS OPEN

TARGET 2027 NEET JEE M&A

CENTRE OF EXCELLENCE — MEDICAL IIT-JEE YUVODAYA — EXCLUSIVE CENTRE FOR ONE-YEAR PREPARATION

BHUBANESWAR CENTRE - Jayadev Vihar, Biju Pattnaik College Road 8249889460 / 7381064208 / 7381013202
BALANGIR ON-CAMPUS CENTRE - Sakma DAY BOARING: Hatisal Pada 9777884488 / 9938086842 / 9437367867

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ଆନନ୍ଦପୁର, ୧୫।୩(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ୨୦ ନମ୍ବର ଜାତୀୟ ରାଜପଥ ଧକୋଠା ନିକଟରେ ରବିବାର ଟ୍ରେଲର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଟକରା ଗାଁର ଜିତୁ ତନ୍ତୀ। ସେ ଘଟଗାଁ ମା' ତାରିଣୀଙ୍କ ଦର୍ଶନ ସାରି ଆନନ୍ଦପୁର ଅଭିମୁଖେ ଆସୁଥିଲେ। ଧକୋଠା ନିକଟରେ ଟ୍ରେଲର ପଛପଟୁ ଧକ୍କା ଦେଇ ରାସ୍ତା ତଳକୁ ଖସିପଡ଼ିଥିଲା। ଗୁରୁତର ଅବସ୍ଥାରେ ଉଭୟ ଟ୍ରେଲର ଏବଂ ବାଇକ ଚାଳକଙ୍କୁ ସ୍ଥାନୀୟ ଲୋକେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

### ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ଯୁବକ ଗିରଫ

ପାଟଣା, ୧୫।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ଥାନା ପୋଲିସ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ରବିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ସାହାରପଡ଼ା ବ୍ଲକ୍ ଦାମାହୁଦା ପଞ୍ଚାୟତ ଗୋଯାପଥର ଗ୍ରାମର ହରିଶ ମୁଣ୍ଡା(୨୧)। ପାଟଣା ଥାନାରେ ଏକ ମାମଲା(ନଂ. ୧୨୩/୨୬)ରୁଜୁ ହୋଇଥିବା ଥାନା ଅଧିକାରୀ ପ୍ରସାଦ ସାହୁ କହିଛନ୍ତି। ଅଭିଯୁକ୍ତ ନାବାଳିକାଙ୍କୁ ବଳାତ୍କାର କରିଥିବା ସ୍ୱୀକାର କରିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଲକ୍ଷ୍ମଣ ମାଝୀ କହିଛନ୍ତି। ସୂଚନାଯୋଗ୍ୟ, ଶୁକ୍ରବାର ହରିଶ ୬ଷ୍ଠ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ଏକୁଟିଆ ଦେଖି ବଳାତ୍କାର କରିଥିଲେ। ଶନିବାର ପୀଡ଼ିତାଙ୍କ ପରିବାର ପକ୍ଷରୁ ପାଟଣା ଥାନରେ ଅଭିଯୋଗ ପରେ ପୋଲିସ ପୀଡ଼ିତାଙ୍କ ଡାକ୍ତର ପରୀକ୍ଷା କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଅଷ୍ଟପ୍ରହର ନାମଯଜ୍ଞ

ବଡ଼ଳା, ୧୫।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପଢ଼ିଆରିପଲ୍ଲୀ ତଳସାହିରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରା କରାଯାଇ ମଣ୍ଡପରେ ସ୍ଥାପନ କରାଯାଇ ରବିବାର ନଗର ପରିକ୍ରମା କରାଯାଇଥିଲା। ଗ୍ରାମର ନବଘନ ଜେନା, ସୁରେନ୍ଦ୍ର ଜେନା, ନାରାୟଣ ଜେନା, ମାନସ ଜେନା, ଲକ୍ଷ୍ମୀଧର ଶତପଥି ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି। ସେହିପରି ନନ୍ଦିପଦା ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଗୋଲଖ ନାୟକ କର୍ତ୍ତାଭାବେ ଦାୟିତ୍ୱ ତୁଲାଇ ଥିବାବେଳେ ଆଖପାଖ ଅଞ୍ଚଳରୁ ବହୁ ଭକ୍ତ ଠାକୁରଙ୍କୁ ଦର୍ଶନ କରିଥିଲେ। ମହିଳା କିର୍ତ୍ତନ ଦଳ ଗୀତ ସାଙ୍ଗକୁ ନାଚ ସମସ୍ତଙ୍କୁ ଆକୃଷ୍ଟ କରିଥିଲା।

### ଶ୍ରୀଜଗନ୍ନାଥ ସେବା ସମିତି ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି

ଯୋଡ଼ା, ୧୫।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ସହରର ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ଅଷ୍ଟ ବିଂଶତମ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୧୭ ତାରିଖଠାରୁ ଆରମ୍ଭ ହୋଇ ଉତ୍ସବ ୫ ଦିନ ଧରି ଅନୁଷ୍ଠିତ ହେବ। ସଂସ୍କୃତ ମହାବିଦ୍ୟାଳୟ ପୁରୀର ପୂର୍ବତନ ଅଧ୍ୟକ୍ଷ ଡ. ନରେଶ ଦାସ ପ୍ରବଚନ ଦେବା ସହିତ ଅନେକ ସାଂସ୍କୃତିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେବାର ଯୋଜନା ରହିଥିବା ଶ୍ରୀ ଜଗନ୍ନାଥ ସେବା ସମିତିର ମୁଖ୍ୟ ଡା. ଅନୀଲ ଦାସ ସୂଚନା ଦେଇଛନ୍ତି। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରୀତିନୀତି ଅନୁଯାୟୀ ପୂଜାବିଧି କରାଯିବ।

### ପିକ୍‌ଅପ୍ ସହ ଦେଶୀ ମଦ ଜବତ, ୩ ଗିରଫ

ହାଟଡିହୀ/ବଞ୍ଚୋ, ୧୫।୩(ଶୁଭକାନ୍ତ ନାୟକ/ ପ୍ରଦୋଷ କୁମାର ବିଶ୍ୱାଳ)

କନ୍ଦୁଝର ଜିଲା ଆନନ୍ଦପୁର ଉପଜିଲାପାଳ ନୀଳ ମାଧବ ସୁନାଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ରବିବାର ବିଭିନ୍ନ ସ୍ଥାନରେ ଚଢ଼ାଉ ହୋଇଛି। ଆନନ୍ଦପୁର ଅବକାରୀ ରେଞ୍ଜ ପକ୍ଷରୁ ଅବକାରୀ ନିରୀକ୍ଷକ ବ୍ରଜମୋହନ ମଲ୍ଲିକ, ହାଟଡ଼ିହୀ ଅବକାରୀ ଥାନା ଷ୍ଟାଫଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଘଷିପୁରା ଥାନା ବାଲିପାଳ ଓ ନନ୍ଦିପଦା ଥାନା ଅନ୍ତର୍ଗତ ଅଁରା, ପୁରୁଣାପାଣି ଅଞ୍ଚଳରେ ଚଢ଼ାଉ କରି ୭ କୁଇଣ୍ଟାଲ ୨୦ କିଗ୍ରା ମହୁଲ ଫୁଲ, ୧୭୨ଲିଟର ଦେଶୀ ମଦ ଓ ୨୨୦୦ ଲିଟର ପୋଚ ଓ ଏକ ପିକ୍‌ଅପ୍ ଜବତ କରିଛି। ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଥିବା ଉପ ଜିଲାପାଳ କହିଛନ୍ତି।

# ମେଶିନ କରୁଛି କାମ, ଦାଦନମୁହାଁ ଶ୍ରମିକ

## ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା

ପାଟଣା, ୧୫।୩(ବୀରକିଶୋର ଦାଶ)

ଗ୍ରାମୀଣ ଗରିବ ଶ୍ରମିକଙ୍କୁ ଗାଁରେ କାମ ଦେଇ ଜୀବିକା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ଆରମ୍ଭ କରିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବାଟ ହୁଡ଼ିଛି। ଶ୍ରମିକଙ୍କ ଜାଗାରେ ମେଶିନ ଯୋଗେ କାମ କରାଯାଉଛି। ଫଳରେ ଯୋଜନାର ଉଦ୍ଦେଶ୍ୟ ସାଧନ ହେଉ ନ ଥିବା ବେଳେ ଶ୍ରମିକ କାମ ନ ପାଇ ଦାଦନମୁହାଁ ହେଉଛନ୍ତି। କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏଭଳି ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ବ୍ଲକ୍‌ରେ ଆର୍ଥିକ ବର୍ଷ ୨୦୨୫– ୨୬ରେ ୨୧ କୋଟି ୬୦ଲକ୍ଷ ୮୨ ହଜାର ଆର୍ଥିକ ଅଟକଳରେ ୭ ଲକ୍ଷ ୬୫ ହଜାର ୮୭୫ ଦିନ ଶ୍ରମ ଦିବସ ସୃଷ୍ଟିକରି ବ୍ଲକ୍‌ର ୨୦ ପଞ୍ଚାୟତର ପୁଷ୍କରିଣୀ, ଗୁହାଳ, ରାସ୍ତାଘାଟ, ଫାର୍ମ ପଣ୍ଡ, ବର୍ଷାଜଳ ଅମଳ ପ୍ରକଳ୍ପ ନିର୍ମାଣ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। କେନ୍ଦେଇପଶି ପଞ୍ଚାୟତ ଅଧୀନ କେନ୍ଦୁଆପଡ଼ା ଗ୍ରାମରେ ଚାଲିଥିବା ପୋଖରୀ ଖୋଳା କାର୍ଯ୍ୟରେ ଖୋଲାଖୋଲି ନିୟମ ଉଲ୍ଲଂଘନ କରି ମେଶିନ ଲଗାଇ କାମ କରାଯାଉଛି। ଯୋଜନାରେ ମେଶିନ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ ଥିବା ବେଳେ ଏଭଳି ବ୍ଲକ୍‌ର ଅନେକ ପଞ୍ଚାୟତରେ ମାଟି କାମ, ପୋଖରୀ ଖୋଳା, ରାସ୍ତା ମରାମତି କାମରେ ଜେସିବି ମେଶିନ, ଟ୍ରାକ୍ଟର ବ୍ୟବହାର କରାଯାଉଛନ୍ତି। ଅନେକ ସ୍ଥାନରେ ଶ୍ରମିକଙ୍କ ଲେବର କାର୍ଡ ଠିକାଦାରଙ୍କ ନିକଟରେ ରହିଛି। ମଷ୍ଟର ରୋଲ୍ ଶ୍ରମିକଙ୍କ ନାଁରେ ରହୁଛି, କିନ୍ତୁ ମେଶିନ ଦ୍ୱାରା କାମ କରାଯାଉଛି। ଯୋଜନାରେ ୧୦୦ ଦିନ କାମ ମିଳିବା ବ୍ୟବସ୍ଥା ଥିଲେ ମଧ୍ୟ ବର୍ଷକରେ ଶ୍ରମିକ ୧୦ରୁ ୧୫ ଦିନ ମଧ୍ୟ କାମ ପାଉନାହାନ୍ତି। ପାଟଣା ଏପିଓ ମଧୁସୂଦନ ପ୍ରଧାନ କହିଛନ୍ତି, ଶ୍ରମିକ କାମ କରିବା କଥା, ମେଶିନ ଲଗାଇ କାମ କରାଯାଉଥିବା ଅଭିଯୋଗ ଆସିବା ପରେ କାମକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯାଇଛି। କଂଗ୍ରେସର ଲୋକ ସଭା ପ୍ରାର୍ଥୀ ଇଂ. ବିନୋଦ ବିହାରୀ ନାଏକ କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ବ୍ୟବହାର ହେଲେ ଗ୍ରାମୀଣ ନିଯୁକ୍ତି ସମ୍ପୂର୍ଣ୍ଣ ବିଫଳ ହେଉଛି। ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରେ ମେଶିନ କାମ କରୁଥିଲେ ହେଁ ଅଧିକାରୀମାନେ ଅନୁମୋଦନକରି ବିଲ୍ କରୁଛନ୍ତି କିଭଳି ବୋଲି ସେ ପ୍ରଶ୍ନ କରିଛନ୍ତି।



ପୋଖରୀ ଖନନରେ ନିୟୋଜିତ ଜେସିବି ଓ ଟ୍ରାକ୍ଟର।

## ରନ୍ଧନ ଗ୍ୟାସ୍ ଯୋଗାଣ ସମସ୍ୟା ନେଇ ଯୁବ କଂଗ୍ରେସର ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କଂଗ୍ରେସ ନେତୃମଣ୍ଡଳୀ ଓ କର୍ମୀ।

କେନ୍ଦୁଝର, ୧୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ରୋଷେଇ ଗ୍ୟାସ୍ କଳାବଜାର ଓ ଯୋଗାଣରେ ସମସ୍ୟା ଆଦିକୁ ନେଇ ରବିବାର କେନ୍ଦୁଝର ଜିଲା ମୁଖ୍ୟାଳୟରେ ଯୁବ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ କଂଗ୍ରେସ ଭବନରୁ କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତଙ୍କ ନେତୃତ୍ୱରେ ଯୁବ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଥିଲେ। ଯୁଦ୍ଧ ପ୍ରଭାବରେ ସମଗ୍ର ଦେଶରେ ଏଲ୍‌ପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାର ସୁଯୋଗ ନେଇ କଳାବଜାରକାରୀମାନେ ସକ୍ରିୟ ହୋଇ ଗ୍ୟାସ୍ ସିଲିଣ୍ଡରକୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏହାର ସମାଧାନ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇଥିବା ବେଳେ ଏ ବାବଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ପୂର୍ଣ୍ଣ ନୀରବ ଅଛନ୍ତି ବୋଲି ଉପସ୍ଥିତ କଂଗ୍ରେସ ନେତା ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଓ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ବିନୋଦ ବିହାରୀ ନାଏକ ବକ୍ତବ୍ୟ ରଖିଥିଲେ। ପରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ତେଲକୋଇ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଗୌରହରି ପାତ୍ର, ଚମ୍ପୁଆ ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଜଗନ ଗିରିପ୍ରିୟା ସାହୁ, ଘସିପୁରା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ଦୀପକ ମାଝୀ, ପାଟଣା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ଜିଲା କଂଗ୍ରେସ ସମ୍ପାଦକ ଦିନେଶ ରାଉତ, କଂଗ୍ରେସ ନେତା ପ୍ରଦୀପ ଦାସ, ଯୁବ କଂଗ୍ରେସ ନେତା ସନତ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

## ଠକେଇ ଅଭିଯୋଗରେ ଜଣେ ଗିରଫ

କେନ୍ଦୁଝର, ୧୫।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ପୋଲିସ ଆର୍ଥିକ ଲାଭ ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଅନେକ ଲୋକଙ୍କୁ ଠକୁଥିବା ଜଣେ ବ୍ୟକ୍ତିଙ୍କୁ ରବିବାର ଗିରଫ କରିଛି। ଅଭିଯୁକ୍ତ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମର ଯୋଗେନ୍ଦ୍ର ସେଠୀ(୫୨)। ସେ ଏବେ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ରାଉରକେଲାର ପ୍ଲାଣ୍ଟ ସାଇଟ୍ ଥାନା ଅନ୍ତର୍ଗତ ନୟାବଜାରରେ ରହୁଛନ୍ତି। ସୂଚନା ଅନୁଯାୟୀ, କେନ୍ଦୁଝର ପୁରୁଣା ବଜାରର ବିନୋଦ ମହାନ୍ତିଙ୍କୁ ଅଭିଯୁକ୍ତ କିଛି ସୁବିଧା ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କଠାରୁ ୨, ୫୦,୦୦୦ ଟଙ୍କା ନେଇଥିଲେ। ପରେ ଅଭିଯୁକ୍ତ ପ୍ରତିଶ୍ରୁତି ପୂରଣ କରି ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଅର୍ଥ ଫେରସ୍ତ ଦାବି କରିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ବିନୋଦଙ୍କ ଅଭିଯୋଗ ଆଧାରରେ ଟାଉନ ପୋଲିସ ଏକ ମାମଲା(ନଂ.୧୫୯/୨୦୨୬) ରୁଜୁ ତଦନ୍ତ ଆରମ୍ଭ କରିଥିଲା। ଗିରଫଦାରୀ ଏଡ଼ାଇବା ପାଇଁ ଅଭିଯୁକ୍ତ ନିଜ ରହିବା ସ୍ଥାନ ବଦଳାଉଥିଲେ। ବିଶ୍ୱସ୍ତ ସୂଚନା ପାଇ ପୋଲିସ ରାଉରକେଲା ନୟାବଜାର ଅଞ୍ଚଳରେ ଚଢ଼ାଉ କରି ସ୍ଥାନୀୟ ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅଭିଯୁକ୍ତ ବିଭିନ୍ନ ଲୋକଙ୍କଠାରୁ ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି। ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ କୌଣସି ଅଭିଯୋଗ ହୋଇ ନ ଥିଲେ ବି ପୋଲିସ ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଜାରି ରଖିଛି। ପୂର୍ବରୁ ଟାଉନ ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ୪ ଠକେଇ ମାମଲା ପଞ୍ଜୀକୃତ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇ ପ୍ରାଥମିକ ତଦନ୍ତ ଚାଲିଥିବା ଆଇଆଇସି ଶ୍ରୀକାନ୍ତ ସାହୁ କହିଛନ୍ତି।

## ଅଳତି ଶିଶୁ ମନ୍ଦିରର ନୂତନ ପରିଚାଳନା ସମିତି ଗଠିତ

ଆନନ୍ଦପୁର, ୧୫।୩
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅଳତୀ ସରସ୍ୱତୀ ଶିଶୁ ମନ୍ଦିରରେ ରବିବାର ନୂତନ ପରିଚାଳନା ସମିତି ଗଠନ କରାଯାଇଛି। କେନ୍ଦୁଝର ସମ୍ଭାଗ ସହ ନିରୀକ୍ଷକ ଲମ୍ବୋଦର ମହାନ୍ତ ଏବଂ ସଙ୍କୁଳ ପ୍ରମୁଖ ନିରାକାର ସାହୁଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ସଭାପତିଭାବେ ପ୍ରଭାତ ବରାଳ, ସମ୍ପାଦକଭାବେ ଡଃ ରତିକାନ୍ତ ବରାଳ, ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ଭୂୟାଁ, ଉପସଭାପତି ସୁଦର୍ଶନ ସାହୁ, କୋଷାଧ୍ୟକ୍ଷଭାବେ ସୁବ୍ରତ ବରାଳ, କୋର କମିଟି ସଦସ୍ୟା ମିନତୀ ସେଠୀ, ପ୍ରଭାସମଞ୍ଜରୀ ପୁହାଣ, ଆଚାର୍ଯ୍ୟ ପ୍ରତିନିଧିଭାବେ ଅନୁପମା ରାଉତ ଏବଂ ପ୍ରଧାନଚାର୍ଯ୍ୟ ପ୍ରମୋଦିନୀ ରାଉତଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ନୂତନ କମିଟି ସଦସ୍ୟଙ୍କୁ ସ୍ୱାଗତ କରାଯାଇ ଶିକ୍ଷା ବିକାଶ ସମିତି ଯୋଜନା ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଛି। ଶିଶୁ ମନ୍ଦିର ବୌଦ୍ଧିକ ମଣ୍ଡପରେ ନୂତନ ପରିଚାଳନା ସମିତି କାର୍ଯ୍ୟକର୍ତ୍ତାଙ୍କୁ ନେଇ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ନୂତନ ପରିଚଳନା ସମିତି ସଦସ୍ୟଙ୍କୁ ସ୍ୱାଗତ କରାଯିବା ପରେ କମିଟି ସଦସ୍ୟ ଗୁରୁମା, ଗୁରୁଜୀଙ୍କ ସହିତ ପାଠ୍ୟ ଖସଡ଼ା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏଥିସହ ଅପ୍ରେଲ ୧ ଉତ୍କଳ ଦିବସ ଦିନ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳନ ନିମନ୍ତେ ତାରିଖ ଧାର୍ଯ୍ୟ ହୋଇଥିଲା। ବୈଠକରେ ସହଯୋଗୀ ସଦସ୍ୟ ପ୍ରଶନ୍ନ ନାୟକ, ସୁଶାନ୍ତ ସେଠୀ, ନିରଞ୍ଜନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## 'ସାହିତ୍ୟ ମଣିଷ ସମାଜକୁ ଶୃଙ୍ଖଳିତ କରେ'



ବଡ଼ଳା, ୧୫।୩(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରୈଗାଁ ଲକ୍ଷ୍ମୀନାରାୟଣ ସାହିତ୍ୟ ସଂସଦର ୬ଷ୍ଠତମ ବାର୍ଷିକ ଉତ୍ସବ, ପୁସ୍ତକ ଉନ୍ମୋଚନ ଓ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ପ୍ରଥମ ଅଧିବେଶନରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ମାଗୁଣୀ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ପାଲାକାର ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ସାହିତ୍ୟ ମଣିଷ ସମାଜକୁ ଶୃଙ୍ଖଳିତ କରିବା ସହିତ ମାର୍ଜିତ କରିଥାଏ ବୋଲି କହିଥିଲେ। ଦ୍ୱିତୀୟ ଅଧିବେଶନରେ ସଂସଦର କାର୍ଯ୍ୟକାରୀ ସଭାପତି ନିର୍ମଳ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ ଡ. ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତାଭାବେ ଆଞ୍ଚଳିକ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ କୃଷ୍ଣଚନ୍ଦ୍ର ସ୍ୱାଇଁ, ସମ୍ପାଦକ ସୁଦାମ ଚରଣ ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ସଂସଦର ମୁଖପତ୍ର 'ମରୁତ ମହକ' ଲୋକାର୍ପଣ କରାଯାଇଥିଲା। ଲେଖକ ହରିହର ଦାସ, ଶିଶୁ ସାହିତ୍ୟିକ ରତ୍ନାକର ଦାଶ, ବ୍ୟଙ୍ଗକାର ସୁବାଶ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ତର୍ଯ୍ୟାମୀ ରାଉତ, ଅମୁଲ୍ୟ ମିଶ୍ର, ହେମନ୍ତ ନାୟକ, ପୂର୍ଣ୍ଣଚନ୍ଦ୍ର ଦାଶ, ସନ୍ତୋଷ ସା ପ୍ରମୁଖ ସହଯୋଗ କରିଥିଲେ।

## ନାଳରେ ମିଶୁଛି ମଇଳାପାଣି, ରାସ୍ତା ବିପର୍ଯ୍ୟସ୍ତ

କେନ୍ଦୁଝର, ୧୫।୩
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ଅଞ୍ଚଳବାସୀ ଧୂଳିଧୂଆଁରେ ଅତିଷ୍ଠ ହୋଇ ପଡ଼ିଲେଣି। ବିଶେଷକରି ବ୍ଲକ୍ ଅଧୀନ ପଳାଶପଙ୍ଗା, ମୁରୁସୁଆଁ ଆଦି ଆଖପାଖ ଅଞ୍ଚଳବାସୀ ଜଳ, ବାୟୁ ପ୍ରଦୂଷଣ ଓ ବିପର୍ଯ୍ୟସ୍ତ ରାସ୍ତା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳରେ ଥିବା କମ୍ପାନୀ ଯୋଗୁ ଲୋକଙ୍କ ସମସ୍ୟା ହେଉଥିଲେ ହେଁ କର୍ତ୍ତୃପକ୍ଷଙ୍କ ପ୍ରଭାବିତ ଅଞ୍ଚଳପ୍ରତି ଦରଦ ନାହିଁ। ଏ ନେଇ ପ୍ରଶାସନିକ ସ୍ତରରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି।

ପ୍ରକାଶ ଯେ, ମୁରୁସୁଆଁଠାରେ ଥିବା ଏକ କାରଖାନାକୁ ଦିନରାତି ଭାରିଯାନ ଚଳାଚଳ ଫଳରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା ମରାମତି ଦିଗରେ କମ୍ପାନୀ ଗୁରୁତ୍ୱ ଦେଉନାହିଁ। କାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ ଉଡ଼ି ରାସ୍ତାଘାଟ ସମେତ ଆଖପାଖ କୂଅ, ପୋଖରୀ, ନଦୀ ଆଦି ଜଳାଶୟ ଓ ଚାଷଜମି ନଷ୍ଟ ହେଉଛି। କାରଖାନାର ମଇଳା ପାଣି ସିଧାସଳଖ ଆରଡେଇ ନାଳରେ ପଡୁଥିବାରୁ ଜଳ ଦୂଷିତ ହେଉଛି। ବିଶେଷକରି ବର୍ଷାଦିନରେ ଏହି କାରଣରୁ ନଦୀର ଜଳ ଅଧିକ ପ୍ରଦୂଷିତ ହୋଇଥାଏ। ଜଳଚର ପ୍ରାଣୀ ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି। ପ୍ରଦୂଷିତ ପାଣି ପିଇ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଧୂଳି,ଧୂଆଁର ଏକ ଆସ୍ତରଣ ପଡ଼ି ଗଛଲତା କ୍ଷତିଗ୍ରସ୍ତ ହେଉଥିବା ବେଳେ ଗୃହପାଳିତ ପ୍ରାଣୀ ଏହାକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ରାସ୍ତାରେ ଯାତାୟାତ ସମୟରେ ଦେହରେ କଳାଗୁଣ୍ଡର ଆସ୍ତରଣ ପଡ଼ିଯାଉଛି। ଖାଲଖମା ରାସ୍ତାରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। କଳାଗୁଣ୍ଡ ଯୋଗୁ ଚାଷକାର୍ଯ୍ୟରେ ମଧ୍ୟ କ୍ଷତି ଘଟୁଛି। ଏହାର ପ୍ରତିକାର ବ୍ୟବସ୍ଥା କରାଯିବାକୁ ସାମାଜିକକର୍ମୀ ଦିଲୀପ ବେହେରା, ବିଭୂତି ଭୂଷଣ ମହାନ୍ତ, ବିକ୍ରମ କେଶରୀ ମହାନ୍ତ, ଭାବଗ୍ରାହୀ ମହାନ୍ତ, ସୁଶାନ୍ତ ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଅଭିଯୋଗ କହିଛନ୍ତି।

## ଆଘାତ, ଜରୁରିକାଳୀନ ଚିକିତ୍ସା ପ୍ରଶିକ୍ଷଣ

କେନ୍ଦୁଝର, ୧୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ମହକୁମା ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ୨ ଦିନିଆ ଆଘାତ ଓ ଜରୁରିକାଳୀନ ଚିକିତ୍ସା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ତଥା ରାଜ୍ୟ ନୋଡାଲ ଅଧିକାରୀ ଟ୍ରମା କେୟାର ପ୍ରଫେସର ଡ. ଉମାକାନ୍ତ ଶତପଥୀ ଯୋଗଦେଇ କୌଣସି ଦୁର୍ଘଟଣାଗ୍ରସ୍ତ କିପରି ବଞ୍ଚିପାରିବେ, ସେ ସମ୍ପର୍କରେ ଡାକ୍ତରଙ୍କଠାରୁ ଆରମ୍ଭ କରି ଛାତ୍ରୀଛାତ୍ର, ସାଧରଣଜନତାଙ୍କୁ ପର୍ଯ୍ୟାୟ କ୍ରମେ ତାଲିମ ପ୍ରଦାନ କରାଯିବ ବୋଲି ଶତପଥି କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଧରଣୀଧର ମେଡିକାଲ କଲେଜ ଏବଂ ହସ୍ପିଟାଲ ଅଧିକ୍ଷକ ପ୍ରଫେସର ଡ. ମହେନ୍ଦ୍ର ନାଏକ, ଡିନ୍ ପ୍ରଫେସର ଡ. ଚିନ୍ମୟୀ ମହାପାତ୍ର, ନିଶ୍ଚେତକ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ଦେବାଶିଷ ସ୍ୱାଇଁ ଯୋଗଦେଇ ଡାକ୍ତର, ନର୍ସିଂ ଅଧିକାରୀବୃନ୍ଦଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

## ଆଦର୍ଶ ସ୍ୱାସ୍ଥ୍ୟ ଶିବିର ନିମନ୍ତେ ସମନ୍ୱୟ ବୈଠକ

କେନ୍ଦୁଝର, ୧୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ପୂର୍ବତନ ସେନା କର୍ମଚାରୀ, ବୀର ନାରୀ ଏବଂ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଏକ 'ଆଦର୍ଶ ସମନ୍ୱିତ ସ୍ୱାସ୍ଥ୍ୟ ଶିବିର' ମାର୍ଚ୍ଚ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସଫଳ ରୂପାୟନ ପାଇଁ ଜିଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସେନାବାହିନୀର ଏକ ପ୍ରତିନିଧି ଦଳ ଜିଲା ମୁଖ୍ୟାଳୟ ପରିଦର୍ଶନ କରି ଧରଣୀଧର ବିଶ୍ୱବିଦ୍ୟାଳୟ ଏବଂ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରକୁ ଶିବିର ପାଇଁ ଚୟନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ସେନା ପ୍ରାକ୍ତନ କର୍ମଚାରୀ ଓ ସେମାନଙ୍କ ପରିବାରକୁ ଆଣିବା ପାଇଁ ସରକାରୀ ବସ୍ ସମେତ ଚିକିତ୍ସା, ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ପ୍ରଶାସନ ଯୋଗାଇ ଦେବ। ଜିଲା ସୈନିକ କଲ୍ୟାଣ ଅଧିକାରୀ ସମ୍ପୂର୍ଣ୍ଣ ସହଯୋଗ କରିବେ। ସେନା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ବୀମା ପଞ୍ଜିକରଣ ବୃଦ୍ଧି, ପେନ୍‌ସନ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଶିବିରର ଲକ୍ଷ୍ୟ। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାର୍ଗେ, ଲେଫ୍ଟନାଣ୍ଟ କର୍ଣ୍ଣେଲ ସନ୍ତୋଷ ପଣ୍ଡା, ଆଞ୍ଚଳିକ ପରିବହନ ଅଧିକାରୀ ମାନସ ରଞ୍ଜନ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ସୁଦର୍ଶନ ଗାଙ୍ଗଇ, ୱାରେଣ୍ଟ ଅଫିସର ସନ୍ତୋଷ ତ୍ରିପାଠୀ ଓ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିର୍ମୟୀ ନାଏକ ଉପସ୍ଥିତ ଥିଲେ।

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପ୍ରତିପଦା ଉତ୍ସବ

କେନ୍ଦୁଝର, ୧୫।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭବନଠାରେ ରବିବାର ଅଖିଳ ଭାରତୀୟ ସାହିତ୍ୟ ପରିଷଦ, କେନ୍ଦୁଝର ଶାଖା ପକ୍ଷରୁ ପ୍ରତିପଦା (ଚୈତ୍ର ଶୁକ୍ଳ ପ୍ରତିପଦା) ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସଂଗଠନ ମନ୍ତ୍ରୀ ନାରାୟଣ ନାୟକ, ମୁଖ୍ୟ ବକ୍ତାଭାବେ ପରିଷଦର ସାଧାରଣ ସମ୍ପାଦକ ଡ. ସନ୍ତୋଷ ମହାପାତ୍ର, ସମ୍ମାନିତ ଅତିଥିଭାବେ ପରିଷଦ ସମ୍ପାଦକ ସତ୍ୟଜିତ୍ ନାୟକ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦୁଝର ଶାଖା ପକ୍ଷରୁ ପ୍ରକାଶନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡ଼. ସୌମ୍ୟଜିତ ପଣ୍ଡା, ଉତ୍କୃଷ୍ଟ ସାହିତ୍ୟ ସର୍ଜନା କ୍ଷେତ୍ରରେ ରୋଜାଲିନ ମହାନ୍ତି, ସାହିତ୍ୟ ଗବେଷଣା କ୍ଷେତ୍ରରେ ଡ଼. ଉମ୍ବରୁଧର ମହାନ୍ତ, ସମାଜସେବା କ୍ଷେତ୍ରରେ ଯଶସ୍ୱିନୀ ବଳ ଓ ଆଜୀବନ ସାଧନା କ୍ଷେତ୍ରରେ ପ୍ରସନ୍ନ ପତିଙ୍କୁ ସମ୍ମାନିତ କରାଯାଇଥିଲା। କବୟିତ୍ରୀ ଇନ୍ଦୁମତୀ ପାତ୍ର, କବି ଚିନ୍ତାମଣି ମହାଳିକ, ଡ. ଭାରତୀ ବେହେରା ଏଥିରେ ସଂଯୋଜନା କରିଥିଲେ। ଡ଼. ଶୁଭସ୍ମିତା ଦାଶ ମଞ୍ଚ ପରିଚାଳନା କରିଥିଲେ। ପରିଷଦର ପ୍ରାନ୍ତ ପତ୍ରିକା ପ୍ରମୁଖ ଅବିନାଶ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ବଞ୍ଚୋ, ୧୫।୩(ପ୍ରଦୋଷ ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ମନୋରମ ପର୍ଯ୍ୟଟନସ୍ଥଳ ଶୈଳଙ୍ଗ ଝୁଡ଼ିରେ ଆନନ୍ଦପୁର ଆଞ୍ଚଳିକ ମହାବିଦ୍ୟାଳୟର ୧୯୮୬ ବ୍ୟାଚର ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ସମସ୍ତେ ପୁରୁଣା ଦିନର ସ୍ମୃତିକୁ ରୋମନ୍ଥନ କରିବା ସହ ନିଜ ନିଜ ପରିବାର ଓ ବର୍ତ୍ତମାନର ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରକୃତିର କୋଳରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ସାମୁହିକ ଭୋଜି, ସ୍ମୃତିଚାରଣ ମଧ୍ୟରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି ହୋଇଥିଲା। ସୁଧାଂଶୁ ରାଉତଙ୍କ ସଂଯୋଜନାରେ ସୁରେଶ ସାହୁ, ଧନେଶ୍ୱର ଖଣ୍ଡେଇ, ସୂର୍ଯ୍ୟ ମିଶ୍ର, ଉଷଶି ନାୟକ, ସରୋଜିନୀ ତ୍ରିପାଠୀ, ମାନସ ସ୍ୱାଇଁ, ବିଦ୍ୟାଧର ଜେନା, ମାନସରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପରିବେଶ ସୁରକ୍ଷାର ସନ୍ଦେସ ଦେଇ ଚାରାରୋପଣ କରିଥିଲେ।

युनाइटेड इंडिया इंश्युरेन्स कं.लिमिटेड
UNITED INDIA INSURANCE CO. LTD.
(A Government of India Undertaking)
REGIONAL OFFICE: BHUBANESWAR, OCHC BUILDING, 5TH FLOOR, KHARAVELA NAGAR, UNIT-III, BHUBANESWAR-751001, PH: 0674-2391138
IRDA REGN. NO.545 CIN. U93090TN1938GOI000108
PUBLIC NOTICE: MERGER / RELOCATION OF OFFICES
This is for the information of general public that as part of our Company's business consolidation plans, our valuable clients of the following office that is located in the State of Odisha will now be serviced by our other office w.e.f. 31.05.2026. Clients will continue to enjoy uninterrupted services from the nearest or new location given below as well as online:

| EXISTING OFFICE (OFFICE NAME & ADDRESS) | FUTURE SERVICING OFFICE (OFFICE NAME, ADDRESS & CONTACT NO.) |
|---|---|
| Micro Office: Keonjhar Address: Floor No.: 1, in front of Hotel Kashvi, Madhapur, Keonjhar, Odisha – 758001 | Business Office: Barbil Address: Pandya Trade Centre, Floor No.: 1, Main Road BPO, Barbil, Keonjhar, Odisha – 758035, Contact No.: 8249771033 |

Bhubaneswar, Date: 16.03.2026 Sd/- Chief Regional Manager

OHPC
ODISHA HYDRO POWER CORPORATION LIMITED
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/POST : BARINIPUT, DIST. : KORAPUT (ODISHA) - 764006
Phone : 06854-242001, Fax : 06854-242038, E-mail ID : sgmel.ukhep@gmail.com
TENDER CALL NOTICE NO. UKHEP : No. 51/2025-26 Dated : 09.03.2026
No.4001/67/2526 : Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below :

| Sl. No. | Description/Type of Vehicle | Cost of Tender Paper (in Rs.) (Non-refundable) | EMD (in Rs.) (Refundable) |
|---|---|---|---|
| 1 | Deployment of 01 (One) No Diesel Run Hired Vehicle Bolero (BS-VI, Closed Body) for Official Work of Officers' of Utility Division, UKHEP, Bariniput For a Period of 48 Months From 2026-27 to 2030-31 | Rs.7080/- (Paper Cost Rs.6000/- + GST@18% Rs.1080/-) | Rs.24,600/- |

The sale of Tender Paper will be from : From 18.03.26 to 11:00 Hrs of 30.03.2026
The last date & time of receipt of tender : Up to 12:00 Hrs. of Date : 31.03.2026
The date and time of opening of tender : At 12:30 Hrs. of Date : 31.03.2026
For details of the tender documents, terms and conditions downloading please visit our website www.ohpcltd.com.
OIPR-4001/4002/1/25-26/0006 Sd./- UNIT HEAD, UKHEP, Bariniput

# ବଞ୍ଚିବା ପାଇଁ ସଂଘର୍ଷ କରୁଛି ବିରଳ ଲୋକକଳା କଣ୍ଢେଇ ନାଚ



ରାଇଡିହି ଗ୍ରାମରେ ଐତିହ୍ୟ ପଦଯାତ୍ରୀ ଦଳ।


ପ୍ରଦର୍ଶିତ କଣ୍ଢେଇ ନାଚ।

## ରାଇଡିହି ଗ୍ରାମରେ ଐତିହ୍ୟ ପଦଯାତ୍ରୀ

ଢେଙ୍କାନାଳ,୧୫।୩(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ରାଇଡିହି ଗ୍ରାମ ବିରଳ ଲୋକକଳା କଣ୍ଢେଇ ନାଚ ପାଇଁ ରାଜ୍ୟ ଓ ଜାତୀୟସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ଅର୍ଜନ କରିଛି। ଏହି ଗ୍ରାମର କଣ୍ଢେଇ ନାଚ ସମେତ ଏହାର ଗୁରୁମାନେ ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। କିନ୍ତୁ ଆଜିର ଯୁଗରେ ବଞ୍ଚିବା ପାଇଁ ସଂଘର୍ଷ କରୁଛି ଏହି ବିରଳ ଲୋକକଳା କଣ୍ଢେଇ ନାଟ। ରବିବାର ଢେଙ୍କାନାଳ ଐତହ୍ୟ ପଦଯାତ୍ରାର ୩୫ତମ ସଂସ୍କରଣରେ ଅନୁଷ୍ଠାନର ପଦଯାତ୍ରୀମାନେ କଣ୍ଢେଇ ନାଚର ଗ୍ରାମ ରାଇଡିହିରେ ପହଞ୍ଚିଥିଲେ। ସେଠି ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆଧୁନିକ ଯୁଗରେ ମନୋରଞ୍ଜନ ପାଇଁ ଅନେକ ପ୍ରକାର ମାଧ୍ୟମ ଉପଲବ୍ଧ ହେବା ପରେ ଓଡ଼ିଶାର ଏହି ପ୍ରାଚୀନ ପ୍ରସିଦ୍ଧ ଲୋକକଳା ଲୋକଙ୍କ ଚକ୍ଷୁରୁ ଦୂରେଇ ଯାଉଛି। ସେହିପରି ଏହାକୁ ନେଇ ପେଟ ପୋଷୁଥିବା କଳାକାରମାନେ ମଧ୍ୟ ହାତବାନ୍ଧି ବସିଛନ୍ତି।

ଭାରତରେ ସାଧାରଣତଃ ୪ ପ୍ରକାର କଣ୍ଢେଇ ନାଚ ଦେଖାଯାଏ। ଏହି ୪ଟି ଯାକ କଣ୍ଢେଇ ନାଚ ଓଡ଼ିଶାରେ ବର୍ତ୍ତମାନ ମଧ୍ୟ ଦେଖିବାକୁ ମିଳେ। ତନ୍ମଧ୍ୟରୁ ସୂତା କଣ୍ଢେଇ ସର୍ବାଧିକ ପ୍ରଚଳିତ କଣ୍ଢେଇ ନାଚ, ଯାହାକି ଢେଙ୍କାନାଳର ରାଇଡିହି ଗ୍ରାମରେ ଏବେ ବି ବଞ୍ଚିରହିଛି। ୧୯୫୨ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ବିରଳ ଲୋକକଳା ରାଇଡିହି ଗ୍ରାମରେ ତିଷ୍ଠିରହିଛି। ଏହି ଗ୍ରାମର ୧୭ଟି କଣ୍ଢେଇ ନୃତ୍ୟଦଳ ଏବେ ବି ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯାଇ ନାଟ ପରିବେଷଣ କରୁଛନ୍ତି। ଆଜିର ଏହି ଡିଜିଟାଲ ଯୁଗରେ ଦେଶର ଗୋଟିଏ ଗ୍ରାମରେ ଏତେସଂଖ୍ୟକ କଣ୍ଢେଇ ନୃତ୍ୟ ଦଳ ଏପରି ପୂରାତନ ଲୋକକଳାକୁ ଜୀବନ ଜୀବିକା କରି ବଞ୍ଚେଇ ରଖିଥିବା ଘଟଣା ଏକପ୍ରକାର ବିରଳ ବୋଲି କୁହାଯାଉଛି। ଆର୍ଥିକ ସଙ୍କଟ ଏବଂ ଡିଜିଟାଲ ଯୁଗରେ ଏହି ଲୋକକଳା ପ୍ରତି ଧୀରେ ଧୀରେ ଲୋକଙ୍କ ଅନାଗ୍ରହ ଯୋଗୁ ଏହା ଜନମାନସରୁ ହଜିବାକୁ ବସିଲାଣି। ନୂତନ ପିଢ଼ି ଏହାପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ଏହି ପ୍ରାଚୀନ ଲୋକକଳା ଦିନେ ଇତିହାସ ପାଲଟିଯିବ ବୋଲି କଣ୍ଢେଇ ନୃତ୍ୟ କଳାକାରମାନେ କହିଛନ୍ତି। ରାଇଡିହିକୁ ସରକାରୀ ସ୍ତରରେ କଣ୍ଢେଇ ନାଚର ଗ୍ରାମ ଭାବେ ଚିହ୍ନିତ କରିବା ପାଇଁ ଜିଲା ପ୍ରଶାସନକୁ ନିବେଦନ କରିବା ନିମନ୍ତେ ଐତିହ୍ୟ ପଦଯାତ୍ରା ଦଳ ପକ୍ଷରୁ ମତ ପ୍ରକାଶ ପାଇଥିଲା। ରାଇଡିହି ଗ୍ରାମରେ କଣ୍ଢେଇ ନୃତ୍ୟ ସହିତ କଣ୍ଢେଇ ତିଆରି ପାଇଁ ମଧ୍ୟ ବ୍ୟକ୍ତିଗତ ସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଢେଙ୍କାନାଳ ଜିଲାର ସାଂସ୍କୃତିକ ଐତିହ୍ୟର ଜୀବନ୍ତ ପ୍ରତୀକ ରାଇଡିହି ଗ୍ରାମର କଣ୍ଢେଇ ନୃତ୍ୟ କଳାର ଐତିହ୍ୟ, ପରମ୍ପରାକୁ ଅନୁଧ୍ୟାନ କରିବା ନିମନ୍ତେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପ୍ରଫେସର ଦୁର୍ଗାଚରଣ ବିଶ୍ୱାଳ, ଡ. ମଳୟ ରଞ୍ଜନ ପତି, ବିଶ୍ୱରଞ୍ଜନ ଦେହୁରୀ, ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ନାରାୟଣ ପଟ୍ଟନାୟକ, ସ୍ୱର୍ଣ୍ଣପ୍ରଭା ସେଠୀ, ଜନ୍ମେଜୟ ରାଉତ, ଅନିଲଦତ୍ତ ସ୍ୱାଇଁ, ପଦ୍ମନାଭ ଲେଙ୍କା, ଅକ୍ଷୟ କୁମାର ଦାସ, ସାରନାଥ ମିଶ୍ର, ଆଦିତ୍ୟ ପ୍ରସାଦ ମିଶ୍ର, ରାହୁଲ କୁମାର ନାୟକଙ୍କ ସମେତ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୫ଜଣ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବାସୁଦେବ ଧଳ, ସୁଶାନ୍ତ କୁମାର ଧଳ, ବିନୟ କୁମାର ଧଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କଣ୍ଢେଇ ନୃତ୍ୟ ପରିବେଷଣ ହୋଇଥିଲା।

# ସରପଞ୍ଚ ସୁଲୋଚନା ଦଳେଇ ପୁରସ୍କୃତ

## ଜାତୀୟସ୍ତରୀୟ ପଞ୍ଚାୟତ ପ୍ରତିନିଧି କର୍ମଶାଳା

ଢେଙ୍କାନାଳ,୧୫।୩(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କୋଟଗରା ଗ୍ରାମ ପଞ୍ଚାୟତର ସରପଞ୍ଚ ସୁଲୋଚନା ଦଳେଇ ଜାତୀୟସ୍ତରୀୟ କର୍ମଶାଳାରେ ଭାଗନେଇ ପୁରସ୍କୃତ ହୋଇଛନ୍ତି। ମାର୍ଚ୍ଚ ୧୧ରେ ନୂଆଦିଲ୍ଲୀଠାରେ ଆୟୋଜିତ ଜାତୀୟସ୍ତରୀୟ ମହିଳା ପଞ୍ଚାୟତ ପ୍ରତିନିଧି କର୍ମଶାଳାରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଦ୍ୱାରା ଚୟନ ହୋଇ ସେ ଅଂଶଗ୍ରହଣ କରିଥିଲେ। ମହିଳା ପ୍ରତିନିଧି ଭାବେ ନେତୃତ୍ୱ ଏବଂ ଏକ ମହିଳା ସହାୟକ ପଞ୍ଚାୟତ ଗଢିତୋଳିବାର ଉଲ୍ଲେଖନୀୟ ପ୍ରୟାସ ଜାରି ରଖିଥିବାରୁ ସରପଞ୍ଚ ସୁଲୋଚନା ଜାତୀୟସ୍ତରରେ ପୁରସ୍କୃତ ହୋଇଛନ୍ତି। ଏଥିପାଇଁ ସେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଓ ଜିଲାସ୍ତରରେ ଡିପିଆରସିର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କର୍ମଶାଳାରେ ସୁଲୋଚନାଙ୍କ ସମେତ ୧୪ଜଣ ମହିଳା ପଞ୍ଚାୟତ ପ୍ରତିନିଧି ଭାଗ ନେଇଥିଲେ। ଏ ସଂକ୍ରାନ୍ତରେ ସରପଞ୍ଚ ସୁଲୋଚନା କୁହନ୍ତି, ମହିଳା ହେଉଛନ୍ତି ସମାଜର ମେରୁଦଣ୍ଡ। ମହିଳା ନିର୍ଯାତନା, ମହିଳା ହିଂସା ଓ ଝିଅମାନଙ୍କୁ ଅବହେଳା ଆଦି ସମସ୍ୟାଗୁଡିକ ପଞ୍ଚାୟତସ୍ତରରେ ସମାଧାନ ହେବା ଦରକାର। ପଞ୍ଚାୟତକୁ ଏକ ୟୁନିଟ୍ ଭାବେ ନେଇ ମହିଳା ସରପଞ୍ଚ ଥିବା ପଞ୍ଚାୟତଗୁଡ଼ିକୁ ଏଥିନିମନ୍ତେ ଦାୟିତ୍ୱ ପ୍ରଦାନ କରି ତାଲିମ ବ୍ୟବସ୍ଥା, ପୋଲିସ ବିଭାଗ ଓ ଆଇନ ସେବା ବିଭାଗର ସହାୟତା ମିଳିଲେ ତୃଣମୂଳସ୍ତରରେ ଏହା ସମ୍ଭବ ହୋଇପାରିବ। ଏଥିପାଇଁ ଦୃଢ ମନୋବଳ, ଦୃଢ ନିଷ୍ପତ୍ତି, ଉତ୍ତମ ବୁଝାମଣା ସହିତ ଠିକ୍ ମହିଳା ନେତୃତ୍ୱର ଆବଶ୍ୟକ ହୋଇପଡିଛି ବୋଲି ସେ ମତପ୍ରଦାନ କରିଛନ୍ତି।


କୋଟଗରା ସରପଞ୍ଚ ସୁଲୋଚନା ଦଳେଇ

# ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ

## ବିଦ୍ୟୁତ୍ ଆଘାତରେ ଦନ୍ତାହାତୀ ମୃତ୍ୟୁ ଘଟଣା

ଢେଙ୍କାନାଳ,୧୫।୩(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ସଦର ରେଞ୍ଜ୍ ବିମ୍ପୋଳ ଗ୍ରାମ ହାତୀବାରି ନିକଟରେ ବିଦ୍ୟୁତ୍ ଆଘାତରେ ଶନିବାର ଭୋର ସମୟରେ ଏକ ଦନ୍ତାହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଉକ୍ତ ଅଞ୍ଚଳର ଚାଷୀ କୈଳାସ ପ୍ରଧାନଙ୍କୁ ବନ ବିଭାଗ ପକ୍ଷରୁ ରବିବାର ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ତାଙ୍କ ନିକଟରୁ ହୁକ ପକାଇଥିବା ତାର ଓ ଅନ୍ୟାନ୍ୟ ସାମଗ୍ରୀକୁ ଜବତ କରାଯାଇଛି। ସେ ହାତୀ ଉପଦ୍ରବରୁ ଫସଲକୁ ରକ୍ଷା ପାଇଁ ବିଦ୍ୟୁତ୍ ହୁକ ପକାଇଥିବା ପଚରା ଉଚରା ସମୟରେ ସ୍ୱୀକାର କରିଥିବା ସଦର ରେଞ୍ଜର ଉଚ୍ଛବ ପ୍ରଧାନ ସୂଚନା ଦେଇଛନ୍ତି। ଶନିବାର ଭୋର ସମୟରେ ତାଙ୍କ ଜମିକୁ ଫସଲ ଖାଇବା ପାଇଁ ଆସିବା ବେଳେ ଗୋଠଛଡା ଦନ୍ତା ହାତୀଟି ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଥିଲା।

# ଉଜ୍ଜ୍ୱଳା ଗ୍ୟାସ୍ ହଡ଼ପ କରିଛନ୍ତି ବିତରକ


ଠକେଇର ଶିକାର ହୋଇଥିବା ମହିଳା।

## ୮ ବର୍ଷ ହେଲା ମହିଳା ନିରାଶ

ପରଜଙ୍ଗ, ୧୫।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ କଣ୍ଢେଇଖୋଲ ଗ୍ରାମର ରାଶନକାର୍ଡଧାରୀ ଖୁଜାରୀ କାଣ୍ଡି (୬୨) ୨୦୧୮ରେ ଉଜ୍ଜ୍ୱଳା ଗ୍ୟାସ ଯୋଜନାରେ ସରାଙ୍ଗସ୍ଥିତ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକଙ୍କ ନିକଟରେ ଆବେଦନ କରିଥିଲେ। ଗ୍ୟାସ ବିତରକ ମୃତ୍ୟୁଞ୍ଜୟ ନାଥ ମହିଳାଙ୍କୁ ତୁମର ଉଜ୍ଜ୍ୱଳା ଗ୍ୟାସ ହୋଇନାହିଁ, ପରବର୍ତ୍ତୀ ସମୟରେ ହେବ ବୋଲି କହିଥିଲେ। ତେବେ ମହିଳା ଜଣଙ୍କ ଦୀର୍ଘ ୮ ବର୍ଷ ହେଲା ବାରମ୍ବାର ଉକ୍ତ ଗ୍ୟାସ ବିତରକଙ୍କ ପାଖକୁ ଯାଇ ସମସ୍ତ କାଗଜପତ୍ର ଦେଉଥିଲେ ମଧ୍ୟ ତାଙ୍କର ଗ୍ୟାସ୍ ହୋଇନାହିଁ ବୋଲି ବିତରକ କହୁଥିଲେ। ମହିଳାଙ୍କ ପୁଅ ଚଗଲା ଏହାର ସତ୍ୟାସତ୍ୟ ଜାଣିବାକୁ ତାଙ୍କ ମା'ଙ୍କ ରାଶନକାର୍ଡ ଏବଂ ଆଧାରକାର୍ଡ ଧରି ଜନସେବା କେନ୍ଦ୍ରକୁ ଯାଇ ଯାଞ୍ଚ କରିବା ବେଳେ ୨୦୧୮ରୁ ଉଜ୍ଜ୍ୱଳା ଗ୍ୟାସରେ ତାଙ୍କ ମା'ଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିବା ଜାଣିବାକୁ ପାଇଥିଲେ, ଯାହାକି ସରାଙ୍ଗସ୍ଥିତ ଅଗ୍ନି ଭାରତ ଗ୍ୟାସ ଗ୍ରାମୀଣ ବିତରକଙ୍କ କୋଡ ନଂ ୧୯୦୪୫୦ ଅଟେ। ଖଜୁରୀ କାଣ୍ଡିଙ୍କ କଞ୍ଜ୍ୟୁମର ନଂ. ୯୬୦୩୯୮୬୨ ହୋଇଥିବା ବେଳେ ଆଇଡି ନଂ. ୧୦୦୦୦୦୦୦୦୯୬୦୩୯୮୬୨ ବୋଲି ଜାଣିବାକୁ ପାଇଥିଲେ। ଏ ନେଇ ଉଜ୍ଜ୍ୱଳା ପୋର୍ଟାଲ ମାଧ୍ୟମରେ ଗ୍ୟାସ ବିତରକ ସଂସ୍ଥା ନାମରେ ଅଭିଯୋଗ କରିଥିଲେ। ପରେ ଗ୍ୟାସ ବିତରକ ସଂସ୍ଥା ମହିଳାଙ୍କୁ ଡକାଇ ତୁମ ଗ୍ୟାସ ଆମ ଏଜେଣ୍ଟ ନେଇଯାଇଛନ୍ତି, ତାଙ୍କୁ କହିଛି ତୁମକୁ ଦେଇଦେବେ ବୋଲି କହି ଏବେ ବି ଠକି ଚାଲିଛନ୍ତି। ଶେଷରେ ମହିଳା ଜଣଙ୍କ ପୋଲିସର ଦ୍ୱାରସ୍ଥ ହୋଇଛନ୍ତି। ଏ ବିଷୟରେ ବିତରକ ମୃତ୍ୟୁଞ୍ଜୟ ନାଥ କହିଛନ୍ତି, ଉକ୍ତ ମହିଳାଙ୍କ ଗ୍ୟାସକୁ ଆମ ଏଜେଣ୍ଟ ନେଇଯାଇଛନ୍ତି। ତାଙ୍କୁ କହିଛି ଗ୍ୟାସ ମହିଳାଙ୍କୁ ଫେରେଇ ଦେବେ। ତେବେ ଦୀର୍ଘ ୮ ବର୍ଷ ହେବ ଉକ୍ତ ଗ୍ୟାସ ବିତରକ ସଂସ୍ଥା ମହିଳାଙ୍କ ଗ୍ୟାସ୍ ବିକ୍ରି କରିଦେଉଥିବା ଅଭିଯୋଗ ହୋଇଛି। ଏହିପରି ଆଉ କେତେ ଗ୍ୟାସ ବାଟମାରଣା ହୋଇଛି ଯୋଗାଣ ବିଭାଗ ତଦନ୍ତକଲେ ସତ୍ୟାସତ୍ୟ ଜଣାପଡିବ ବୋଲି ମହିଳାଙ୍କ ପୁଅ ଦାବି କରିଛନ୍ତି।

# ଢେଙ୍କାନାଳ କଲେଜ ଛାତ୍ରୀଛାତ୍ରଙ୍କ ଶିଳ୍ପାନୁଷ୍ଠାନ ପରିଭ୍ରମଣ




ଢେଙ୍କାନାଳ,୧୫।୩(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଓ ଏମ୍‌ଏସ୍‌ସି କମ୍ପ୍ୟୁଟର ସାଇନ୍ସ ବିଭାଗର ଛାତ୍ରୀଛାତ୍ରମାନେ ମାର୍ଚ୍ଚ ୧୩ରୁ ୧୮ ପର୍ଯ୍ୟନ୍ତ ଶିଳ୍ପାନୁଷ୍ଠାନ ପରିଭ୍ରମଣରେ କଲିକତା ଗସ୍ତ କରିଛନ୍ତି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳ, ସଂଯୋଜକ ଡ. ଦେବରାଜ ପରିଡା ଓ ବିଭାଗୀୟ ମୁଖ୍ୟ ଡ. ପ୍ରଦ୍ୟୁମ୍ନ କୁମାର ଦାଶ ଛାତ୍ରୀଛାତ୍ରମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ଜ୍ଞାନ ଆହରଣ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଅଧ୍ୟାପକ ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ ନନ୍ଦ ଓ ଅଧ୍ୟାପିକା ରୋଜାଲିନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କଲିକତାର କେଭେଣ୍ଟର ଆଗ୍ରୋ ଓ ମେଟ୍ରୋ ଡାଏରୀ ଆଦି ଶିଳ୍ପାନୁଷ୍ଠାନ ପରିଭ୍ରମଣ କରି ଜ୍ଞାନ ଆହରଣ କରିବେ। ଅଧ୍ୟାପିକା ମାନସୀ ରଥ, ସୁଶାନ୍ତ କୁମାର ପାଲଙ୍କ ସମେତ କର୍ମଚାରୀମାନେ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଛନ୍ତି। ଏଥିସହିତ ଛାତ୍ରୀଛାତ୍ରମାନେ କଲିକତାର ଭିକ୍ଟୋରିଆ ମେମୋରିଆଲ, ଇଣ୍ଡିଆନ ମ୍ୟୁଜିୟମ, ସାଇନ୍ସ ସିଟି, ମାୟାପୁରୀ, ନିରଳା ଟେମ୍ପୁଲ, କାଳୀ ମନ୍ଦିର ଆଦି ପରିଭ୍ରମଣ କରିବେ।

# ଗ୍ୟାସ୍ ବିତରଣ କେନ୍ଦ୍ରରେ ଗ୍ରାହକଙ୍କ ପ୍ରବଳ ଭିଡ଼

ସନ୍ତ୍ରୀଛକ,୧୫।୩(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ଅନ୍ତର୍ଗତ ମହୀଧରପୁର ଓ ବନ୍ତଳାରେ ଥିବା ଗ୍ୟାସ୍ ବିତରଣ କେନ୍ଦ୍ରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଇରାନ-ଆମେରିକା ଯୁଦ୍ଧ ଯୋଗୁ ରନ୍ଧନ ଗ୍ୟାସ୍ ଅଭାବ ନେଇ ଗୁଜବ ସୃଷ୍ଟି ହୋଇଥିବା ଫଳରେ ଗ୍ୟାସ୍ ସଂଗ୍ରହ ପାଇଁ ମହୀଧରପୁର ଓ ବନ୍ତଳାର ଉପଭୋକ୍ତାଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ହେବାଭଳି ସ୍ଥିତି ସୃଷ୍ଟି ହୋଇଛି। ସକାଳ ୫ଟାରୁ ଶତାଧିକ ମହିଳା ଓ ପୁରୁଷ ଖାଲି ସିଲିଣ୍ଡର ଧରି ବିତରଣ କେନ୍ଦ୍ର ସମ୍ମୁଖରେ ଲମ୍ବାଧାଡ଼ିରେ ଠିଆ ହୋଇଥିବା ଦେଖାଯାଇଛି।

ମହୀଧରପୁର ଓ ଆଖପାଖ ଅଞ୍ଚଳ ଯଥା ତଳମୂଳ, ଫୁଲପଡ଼ା, ବଉଳିଗଡ଼, ସନ୍ତ୍ରୀ, କଂସରା, ହାତୁରା, କୁରୁମିଠା ଆଦିର ପ୍ରମୁଖ ଗ୍ରାମର କେତେଜଣ ଗ୍ରାହକଙ୍କ କହିବା ଅନୁଯାୟୀ, ଗ୍ରାମାଞ୍ଚଳରେ ଗ୍ୟାସର ଅଧିକ କଳାବଜାର ଯୋଗୁ ଗ୍ୟାସ୍ ସିଲିଣ୍ଡର ମିଳିବା କଷ୍ଟକର ହୋଇପଡୁଛି। କେତେକ କ୍ଷେତ୍ରରେ ବୁକିଂର ୧୦ ଦିନ ପରେ ମଧ୍ୟ ଗ୍ରାହକଙ୍କ ପାଖରେ ସିଲିଣ୍ଡର ପହଞ୍ଚୁ ନାହିଁ। ଗ୍ୟାସ୍ ସିଲିଣ୍ଡର କଳାବଜାରରେ ଅଧିକ ଦାମ୍‌ରେ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଗ୍ରାହକ ବାଧ୍ୟ ହୋଇ ବିତରଣ କେନ୍ଦ୍ରକୁ ଆସୁଥିବାବେଳେ ଷ୍ଟକ୍ ନାହିଁ କିମ୍ବା ଗ୍ୟାସ ନେଇସାରିଛ ବୋଲି କୁହାଯାଉଛି। ଏହାକୁ ନେଇ ଗ୍ରାହକ ଓ କେନ୍ଦ୍ରର କର୍ମଚାରୀଙ୍କ ମଧ୍ୟରେ ବାରମ୍ବାର ବଚସା ଓ ଧସ୍ତାଧସ୍ତି ହେଉଥିବା ଖବର ମିଳିଛି। କେତେଜଣ ଅସାଧୁ ବ୍ୟବସାୟୀ ପରିସ୍ଥିତିର ସୁଯୋଗ ନେଇ କଳାବଜାର କରୁଥିବା ଅଭିଯୋଗ ହୋଇଛି। ଗ୍ରାହକମାନଙ୍କ କହିବା ଅନୁଯାୟୀ, ଖରାରେ ବହୁ ଘଣ୍ଟା ଛିଡ଼ା ହୋଇ ବି ଗ୍ୟାସ୍ ମିଳୁନି। କିନ୍ତୁ କେତେଜଣ ଲୋକ ଅଧିକ ଟଙ୍କା ଦେଇ ପଛପଟେ ଗ୍ୟାସ୍ ନେଇଯାଉଛନ୍ତି। ଜିଲା ଯୋଗାଣ ଅଧିକାରୀ ତୁରନ୍ତ ଦୃଷ୍ଟିଦେଇ ସ୍ଥିତି ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହୋଇଛି।

# ମାନବିକତା ଦେଖାଇଲେ ପୂର୍ବତନ ଏମ୍‌ପି

## ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ମେଡିକାଲ ନେଲେ

ଛେଣ୍ଡିପଦା,୧୫।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ନାଳ ନିକଟରେ ରବିବାର ଦୁର୍ଘଟଣାର ଶିକାର ହୋଇଥିବା ଦମ୍ପତିଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ। ସୂଚନା ଅନୁଯାୟୀ, ପୂର୍ବତନ ଏମ୍‌ପି ମହେଶ ସାହୁ ଅନୁଗୋଳରୁ କୋଶଳା ପରିବେଶ ସୁରକ୍ଷା ଗଣଧାରଣାରେ ଯୋଗଦେବାକୁ ଯାଉଥିବାବେଳେ କଙ୍କରେଇ ନାଳ ନିକଟରେ ଛେଣ୍ଡିପଦା ଥାନା ବରପଦା ଗ୍ରାମର ଅଭି ସେଠୀ ଓ ତାଙ୍କ ସ୍ତ୍ରୀ କବିତା ସେଠୀ ଦୁର୍ଘଟଣାରେ ଗୁରୁତର ହୋଇଥିବା ଦେଖି ଅଟକିଥିଲେ। ଏହାପରେ ପୂର୍ବତନ ଏମ୍‌ପି ସାହୁ ଉଭୟଙ୍କୁ ନିଜ ଗାଡ଼ିରେ ନେଇ କୋଶଳା ମେଡିକାଲରେ ଭର୍ତ୍ତି କରିଥିଲେ। ପୂର୍ବତନ ଏମ୍‌ପିଙ୍କ ଏଭଳି କାର୍ଯ୍ୟକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।



ପୂର୍ବତନ ଏମ୍‌ପିଙ୍କ ଉପସ୍ଥିତିରେ ଗୁରୁତରଙ୍କ ଚିକିତ୍ସା ଚାଲିଛି।

# ବିନା ଦୋଷରେ ୧୬ ଦିନ ଜେଲରେ ରହିଲେ ମହିଳା

## ନ୍ୟାୟ ପାଇଁ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ

ଭୁବନ, ୧୫।୩ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ସାଇରାମପୁର ପାଟଣାର ସୁମିତ୍ରା ବେହେରାଙ୍କୁ ପୋଲିସ ଜାନୁଆରୀ ୧୯ରେ ୱାରେଣ୍ଟ ଅଛି କହି ଉଠାଇନେଇ ଜେଲ ପଠାଇଥିଲା। ଫେବୃଆରୀ ୩ ତାରିଖରେ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ପରେ ମହିଳାଜଣଙ୍କ ଆଇନଜୀବୀମାନଙ୍କ ପରାମର୍ଶ ପରେ ତାଙ୍କ ନାମରେ କୌଣସି ମାମଲା ନ ଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ବିନା ଦୋଷରେ ଜେଲ୍ ହାଜତରେ ରହିବାକୁ ପଡ଼ିଥିବା ଦର୍ଶାଇ ସେ ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ସୁମିତ୍ରା ୨୦୦୮ରେ ବାଲିଚନ୍ଦ୍ରପୁର ଥାନା କୁସୁପୁର ଗ୍ରାମର ସୁକାନ୍ତ ବେହେରାଙ୍କୁ ବିବାହ କରିଥିଲେ। ପାରିବାରିକ କଳହରୁ ୨୦୧୫ରେ ସେ ସ୍ୱାମୀଙ୍କୁ ଛାଡ଼ି ସାଇରାମପୁର ବାପଘରେ ରହୁଥିଲେ। ଗତ ଜାନୁୟାରୀ ୧୯ରେ ଭୁବନ ପୋଲିସ ତାଙ୍କ ନାମରେ ୱାରେଣ୍ଟ ଅଛି କହି ଘରୁ ଉଠାଇ ଆଣିଥିଲା। ଭୁବନେଶ୍ୱର କୋର୍ଟରେ ତାଙ୍କ ନାମରେ ୨୦୬୨/୨୦୧୭ରେ ଏକ ମାମଲା ଥିବା ସହ ୩୪୧,୨୯୪,୩୦୭, ୫୦୬ ଓ ୪୧ ଦଫା ରହିଛି ବୋଲି କହି ତାଙ୍କୁ ଜେଲ୍ ପଠାଇ ଦେଇଥିଲା। ଫେବୃଆରୀ ୩ରେ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ସେ ଘରକୁ ଫେରିବା ପରେ ଆଇନଜୀବୀମାନଙ୍କ ପରାମର୍ଶ ନେବା ପରେ ତାଙ୍କ ନାମରେ କୌଣସି ମାମଲା ନ ଥିବା ଜାଣିବାକୁ ପାଇଥିଲେ। ଏହାର ନକଲ ପାଇଁ ବିଚାରପତିଙ୍କୁ ପ୍ରାର୍ଥନା କରିବା ପରେ ସେ କହିଥିଲେ ଏହାର କୌଣସି ରେକର୍ଡ ନାହିଁ, ତେବେ କେସ୍‌ର ନକଲ ଦିଆଯିବ ନାହିଁ। ପରେ କେସର ସମସ୍ତ ତଥ୍ୟ ପାଇଁ ସୁମିତ୍ରା ଡାକ ଯୋଗେ ବିଚାରପତିଙ୍କୁ ଅଭିଯୋଗ କରିଥିଲେ। ଏହିଭଳି ଭିତ୍ତିହୀନ ମାମଲାକୁ ନେଇ ପୋଲିସ ଜଣେ ଅନୁସୂଚିତ ମହିଳାଙ୍କୁ ଘରୁ ଡ଼ାକିନେଇ ୧୬ ଦିନ ଜେଲ ପଠାଇବାକୁ ସୁମିତ୍ରା ଗ୍ରହଣ କରିପାରୁ ନାହାନ୍ତି। ଏଥିପାଇଁ ସୁମିତ୍ରା ଜାତୀୟ ମାନବାଧିକାର କମିଶନଙ୍କ ଦ୍ୱାରସ୍ଥ ହେବା ସହିତ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରିରଖିବେ ବୋଲି କହିଛନ୍ତି।

# ଜଳୁଛି ବାରମାଇଲ ଜଙ୍ଗଲ, ରାଜପଥ ଧୂଆଁମୟ

## ଘଣ୍ଟାଏ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ

ଖମାର,୧୫।୩ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବାରମାଇଲ ଜଙ୍ଗଲରେ ରବିବାର ନିଆଁ ଲାଗିଥିବାବେଳେ ରାଜପଥ ଧୂଆଁମୟ ହୋଇଯାଇଥିଲା। ଫଳରେ ବାରମାଇଲ ଗାଁ ନିକଟ ରାଜପଥରେ ଘଣ୍ଟାଏ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସୂଚନା ଅନୁଯାୟୀ, ଖମାରରୁ ପାଲଲହଡ଼ାକୁ ସଂଯୋଗ କରୁଥିବା ୧୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ରହିଛି ବାରମାଇଲ ଜଙ୍ଗଲ। କେହି ଦୁର୍ବୃତ୍ତ ଏହି ଜଙ୍ଗଲରେ ପଡ଼ିଥିବା ଶୁଖିଲା ପତ୍ରରେ ନିଆଁ ଲଗାଇଦେବା ପରେ ଏହା ଜଙ୍ଗଲର ବିଭିନ୍ନ ସ୍ଥାନକୁ ବ୍ୟାପୀ ଯାଇଥିଲା। ଏପରି କି ବାରମାଇଲ ନିକଟ ରାଜପଥ ପାର୍ଶ୍ୱ ଯାଏ ନିଆଁ ଚାଲିଆସିଥିଲା। ଫଳରେ ରାଜପଥ ସମ୍ପୂର୍ଣ୍ଣ ଧୂଆଁମୟ ହୋଇଯାଇଥିଲା। ଏଥିଯୋଗୁ ରାଜପଥରେ ଗମନାଗମନ ପ୍ରାୟ ୧ ଘଣ୍ଟା ଧରି ବାଧାପ୍ରାପ୍ତ ହୋଇଥିଲା। ନିଆଁ ଭୟଙ୍କର ହେଉଥିବା ଦେଖି ସ୍ଥାନୀୟ ଲୋକେ ଜରୁରିକାଳୀନ ସହାୟତା ଫୋନ ନମ୍ବର ୧୧୨ ଓ ସ୍ଥାନୀୟ ରେଞ୍ଜରଙ୍କୁ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ଘଟଣାସ୍ଥଳରେ କେହି ପହଞ୍ଚି ନ ଥିଲେ। ଏ ସମ୍ପର୍କରେ ଖମାର ରେଞ୍ଜର ମନୋଜ କୁମାର ଟିଗାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରି ନାହିଁ।


ଜଙ୍ଗଲ ନିଆଁ ଯୋଗୁ ଅନୁଗୋଳ ଜିଲା ଖମାରସ୍ଥିତ ବାରମାଇଲଠାରେ ୧୪୯ ନଂ. ଜାତୀୟ ରାଜପଥ ଧୂଆଁମୟ ହୋଇଯାଇଛି।

# ଡେରେଜାଙ୍ଗ କେନାଲର ରୂପ ବଦଳିବ

- ନର୍ଦ୍ଦମା, ପାଇଖାନା ପାଣି ମିଶି ଦୂଷିତ ହେଉଛି
- ଉଭୟ ପାର୍ଶ୍ୱ ହୁଡ଼ାରେ ଲାଗିବ ଜାଲି ବାଡ଼
- ସଫେଇ ଓ ପୁନରୁଦ୍ଧାର ପାଇଁ ଡିପିଆର୍ ପ୍ରସ୍ତୁତି ନିର୍ଦ୍ଦେଶ


ଡେରେଜାଙ୍ଗ କେନାଲ।

**ଅନୁଗୋଳ,୧୫।୩(ଜ୍ୟୋତିରଞ୍ଜନ ସାହୁ)**

ଆବର୍ଜନା କୁଣ୍ଡ ପାଲଟିଛି ଡେରେଜାଙ୍ଗ ମୁଖ୍ୟ କେନାଲ। ଅଳିଆ ଆବର୍ଜନାରୁ ନେଇ ନର୍ଦ୍ଦମା ପାଣି ପର୍ଯ୍ୟନ୍ତ ସବୁକିଛି ଏହି କେନାଲ ପାଣିରେ ମିଶୁଥିବାରୁ ଡେରେଜାଙ୍ଗ ଦୂଷିତ ହୋଇଯାଉଛି। ପାଇଖାନା ପାଣିକୁ ମଧ୍ୟ ସିଧାସଳଖ କେନାଲକୁ ଛାଡ଼ାଯାଉଥିବାରୁ ଡେରେଜାଙ୍ଗ ପାଣି ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଜଳ ସମ୍ପଦ ବିଭାଗ ଦୀର୍ଘଦିନ ଧରି କେନାଲର ସଫେଇ ପ୍ରତି ଧ୍ୟାନ ଦେଉ ନ ଥିବାରୁ ଅଧିକାଂଶ ସ୍ଥାନରେ କେନାଲ ପୋତି ହୋଇସାରିଲାଣି। ଅନାବନା ଗଛଗୁଡ଼ିକ ବଢ଼ି କେନାଲର ସ୍ୱରୂପ ନଷ୍ଟ କରୁଥିବାବେଳେ ସ୍ଥାନୀୟ ଲୋକଙ୍କ ଦାବି ଓ ଅଭିଯୋଗ ପରେ ଏହାର ସଫେଇ ଓ ପୁନରୁଦ୍ଧାର ମାଧ୍ୟମରେ ରୂପ ବଦଳାଇବା ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ସୂଚନା ଅନୁଯାୟୀ, କୁମ୍ଭ ଭଣ୍ଡରେଠାରୁ କାର୍ବନ ଫ୍ୟାକ୍ଟ୍ରି ପଛପାର୍ଶ୍ୱ ପର୍ଯ୍ୟନ୍ତ କେନାଲ ସଫେଇ ସହ ପୁନରୁଦ୍ଧାର କାମ ପାଇଁ ଏକ ବିସ୍ତୃତ ଡିପିଆର୍ ପ୍ରସ୍ତୁତ କରିବାକୁ ପୌରପାଳିକାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହି ପୁନରୁଦ୍ଧାର କାର୍ଯ୍ୟ ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ। ଭଣ୍ଡରେ ଠାରୁ କାର୍ବନ ଫ୍ୟାକ୍ଟ୍ରି ପର୍ଯ୍ୟନ୍ତ କେନାଲ ସଫେଇ ସହ ଉଭୟ ପାର୍ଶ୍ୱ ହୁଡ଼ାରେ ସୌନ୍ଦର୍ଯ୍ୟକରଣ କରାଯିବ। ଲୋକମାନେ କେନାଲକୁ ଯେପରି ଆବର୍ଜନା ଫିଙ୍ଗି ନ ପାରନ୍ତି, ସେଥିପାଇଁ ହୁଡ଼ାରେ ଜାଲିବାଡ଼ ଲଗାଇବା ପାଇଁ ଯୋଜନା ହୋଇଛି। କଟକର ତାଳଦଣ୍ଡା କେନାଲ ପରି ଏଠାରେ ମଧ ଜାଲିବାଡ଼ ଲଗାଇ କେନାଲକୁ ସୁରକ୍ଷିତ ଓ ସ୍ୱଚ୍ଛ ରଖିବାକୁ ପ୍ରଶାସନ ଯୋଜନା କରିଛି। ଏହାସହିତ କେନାଲ ପାର୍ଶ୍ୱରେ ଆଲୋକୀକରଣ ବ୍ୟବସ୍ଥା କରାଯିବାକୁ ମଧ ପ୍ରସ୍ତାବ ରହିଛି। ବିଶେଷକରି ଅମଲାପଡ଼ା ଅଞ୍ଚଳରେ ଅଧିକ ସଂଖ୍ୟକ ପାଇଖାନା ପାଇପ୍ କେନାଲକୁ ଯୋଡ଼ାଯାଇଥିବାରୁ ତୁରନ୍ତ ସର୍ଭେ କରି ସେଗୁଡ଼ିକୁ ବନ୍ଦ କରାଯିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଡେରେଜାଙ୍ଗ କେନାଲର ପାଣି କେବଳ ଜଳସେଚନ ପାଇଁ ନୁହେଁ, ଅନେକ ସ୍ଥାନରେ ଲୋକମାନେ ଦୈନନ୍ଦିନ କାମରେ ମଧ ବ୍ୟବହାର କରୁଛନ୍ତି। ଅନେକ ଲୋକ ଏହି କେନାଲରେ ଗାଧୋଉଥିବାବେଳେ ନର୍ଦ୍ଦମା ଓ ପାଇଖାନା ପାଣି ମିଶୁଥିବାରୁ ସ୍ୱାସ୍ଥ୍ୟଜନିତ ସମସ୍ୟା ନେଇ ଚିନ୍ତା ବଢ଼ିଛି। ଏ ନେଇ ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି, ଡେରେଜାଙ୍ଗ କେନାଲର ସଫେଇ ଓ ଉନ୍ନତୀକରଣ ପାଇଁ ଡିପିଆର୍ ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି।

# ସାମଗ୍ରୀ କିଣିବାବେଳେ ସତର୍କ ରୁହନ୍ତୁ



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହ ମାନପତ୍ର ପାଇଥିବା ଛାତ୍ରୀଛାତ୍ରମାନେ।

## ବିଶ୍ୱ ଉପଭୋକ୍ତା ଦିବସ ୨୦୨୬ ପାଳିତ

**ଅନୁଗୋଳ,୧୫।୩(ଦିବ୍ୟଶାନ୍ତନୁ ନାଥ)**

ସାମାଜିକ ସଙ୍ଗଠନ ସ୍ପନ୍ଦନ ତରଫରୁ ଏବଂ ଜିଲା ବୈଧ ମାପ ଓଜନ ଯୁଗ୍ମ ନିୟନ୍ତ୍ରକ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ଅନୁଗୋଳ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଯୋଗାଣ ବିଭାଗ ଅଧିକାରୀ ମିନାରାଳା ସେନ ଉଦ୍‌ଘାଟନ କରିବା ସହିତ ଚଳିତବର୍ଷର ବିଷୟ ବସ୍ତୁ 'ନିରାପଦ ଉତ୍ପାଦ, ଅଶ୍ୱସ୍ତ ଗ୍ରାହକ' ସମ୍ବନ୍ଧରେ ଆଲୋଚନା କରିଥିଲେ। ଯେକୌଣସି ଜିନିଷ କିଣିବାବେଳେ ସତର୍କତା ଅବଲମ୍ବନ କରିବା ସହିତ ରସିଦ ମାଗି ପାଖରେ ଯତ୍ନର ସହିତ ରଖିଲେ ପର ମୁହୂର୍ତ୍ତରେ କୌଣସି ଠକାମିର ଶିକାର ହେଲେ ତାହା କାମରେ ଆସିଥାଏ ବୋଲି କହିଥିଲେ। ସାଧନ କର୍ମୀ ଭାବେ ଜିଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧ୍ୟକ୍ଷ କଲ୍ୟାଣ କିଶୋର ମହାନ୍ତି, ମୁଖ୍ୟବକ୍ତା ଭାବେ ସନ୍ତୋଷ କୁମାର ମିଶ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୌମ୍ୟରଞ୍ଜନ ଘୋଷ, ଓଜନ ମାପ ବିଭାଗ ଅତିରିକ୍ତ ନିରୀକ୍ଷକ ଶିବ ପ୍ରସାଦ ମଲ୍ଲିକ, ସହକାରୀ ପ୍ରାଧ୍ୟାପକ ମିତାଳି ସ୍ୱାଇଁ ପ୍ରମୁଖ ଯୋଗଦେଇ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। କବି ସାନନ୍ଦ ଚନ୍ଦ୍ର ପରିଡ଼ା ଏବଂ କବି ସୁଶୀଲ କୁମାର ପ୍ରଧାନ କବିତା ପାଠ କରିଥିଲେ। ଏହି ଦିବସ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଚିତ୍ରାଙ୍କନ ଏବଂ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ସ୍ପନ୍ଦନର ସଦସ୍ୟ ବିଭୂ ଶତପଥୀ ସଭା ପରିଚାଳନା କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ବାରମ୍ବାର ଆବେଦନ, ମିଳୁନି ପକ୍କା ଘର


ବରଡ଼ା ଛପର ଘର ସମ୍ମୁଖରେ ଲତା ସେଠୀ।

**ସନ୍ତ୍ରୀଛକ, ୧୫।୩(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ପଞ୍ଚାୟତ ଭାଗବତପୁର ଗ୍ରାମର ଲତା ସେଠୀ(୩୦)ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁ ନ ଥିବା ଅଭିଯୋଗ ହୋଇଛି। ଲତା କହିଛନ୍ତି, ତାଙ୍କ ସ୍ୱାମୀ ଅନୀଲ ସେଠୀ(୩୬) ଜଣେ ଦିନ ମଜୁରିଆ। ଗୋଟିଏ ପୁଅ, ଗୋଟିଏ ଝିଅ ଓ ୭୦ ବର୍ଷର ବୁଢ଼ୀ ମା'ଙ୍କୁ ନେଇ ବରଡ଼ା ଛପର ଘରେ ସେମାନେ ରହୁଛନ୍ତି। ସରକାରୀ ସହାୟତା ଭାବେ କେବଳ ରାଶନ କାର୍ଡରେ ୧୫ କେଜି ଚାଉଳ ମିଳୁଛି। ପୁଅ ଆଇଟିଆଇ ପଢୁଥିଲାବେଳେ ଝିଅ ୮ମ ଶ୍ରେଣୀରେ ପଢୁଛି। ସ୍ୱଳ୍ପ ରୋଜଗାର ଯୋଗୁ ପଢ଼ିବା ପାଇଁ ବହୁତ ହଇରାଣ ହେଉଥିବା କ୍ଷୋଭର ସହ କହିଛନ୍ତି ଲତା। ଉକ୍ତ ଅଞ୍ଚଳରେ ହାତୀ ଚଳପ୍ରଚଳ କରୁଥିବାରୁ ପ୍ରତି ସମୟରେ ବିଦ୍ୟୁତ୍ କାଟ ହେଉଛି। ଫଳରେ ସେମାନେ ରାତିରେ ହାତୀ ଭୟ ଭିତରେ ରହୁଛନ୍ତି। ସାମାନ୍ୟ ବର୍ଷା ହେଲେ ଘରେ ଆଣ୍ଠୁଏ ପାଣି ପଶିଯାଉଛି। ଏଭଳି ଅସୁବିଧା ଭୋଗ କରୁଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦେବାକୁ ସେ ବାରମ୍ବାର ଆବେଦନ କରିଛନ୍ତି। ହେଲେ ଏଯାଏ ତାଙ୍କ ଗୁହାରି ପ୍ରଶାସନ ଶୁଣୁ ନ ଥିବା ଲତା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବଅଁରପାଳ ବିଡ଼ିଓ ଲୋଚନ ଦାସ କହିଛନ୍ତି, ତାଲିକାରେ ନାମ ଥିଲେ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଯୋଗାଇ ଦିଆଯିବ।

# ସମସ୍ୟା ସମାଧାନ ପାଇଁ ଯୁବବର୍ଗଙ୍କୁ ଆହ୍ୱାନ



ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥିମାନେ।

**ଖମାର,୧୫।୩(ରଜନୀକାନ୍ତ ମହାରଣା)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ବାରମାଇଲଠାରେ ଶ୍ରଦ୍ଧା ସେବା ସହଯୋଗ ସଙ୍ଗଠନର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଙ୍ଗଠନ ମୁଖ୍ୟ ଅବନୀକାନ୍ତ ସାହୁ ଯୋଗଦେଇଥିଲେ। ସଙ୍ଗଠନ ସହିତ ଯୋଡ଼ି ହୋଇଥିବା ପୁରୁଣା ଓ ନୂଆ ସଦସ୍ୟଙ୍କୁ ସମାଜସେବାର ପ୍ରଶିକ୍ଷଣ ଦିଆଯିବା ସହିତ ପାଲଲହଡ଼ାର ବିଭିନ୍ନ ପ୍ରକାର ସମସ୍ୟା ସମାଧାନ ପାଇଁ ଯୁବବର୍ଗଙ୍କୁ ଆହ୍ୱାନ ଦିଆଯାଇଥିଲା। କନ୍ତଲାଠାରୁ ବାମାରି ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତା ନିର୍ମାଣ କରିବା, ଦ୍ୱିତୀୟ ଚିଲିକାରେ ପର୍ଯ୍ୟଟକଙ୍କ ପାଇଁ ଆଶ୍ରୟସ୍ଥଳୀ ନିର୍ମାଣ, ପାଉଡ଼ି ଭୂୟାଁ ଅଞ୍ଚଳର ସମସ୍ୟାର ସମାଧାନ କରିବା, ରେଙ୍ଗାଳି ନଦୀବନ୍ଧ ଠାରେ ଏକ ମେଗା ସୋଲାର ପ୍ଲାଣ୍ଟ ନିର୍ମାଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସଙ୍ଗଠନ ମୁଖ୍ୟ ସାହୁ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ମଦନ ମୋହନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଖଗେଶ୍ୱର ସାହୁ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପରିଡ଼ା, ରତ୍ନାକର ରାଉତ, ଜିଲା ପରିଷଦ ସଦସ୍ୟା ରଶ୍ମିତା ବେହେରା, ଯୁଗଳ କିଶୋର ଜିତ, ସଙ୍ଗଠନର ପାଲଲହଡା ବ୍ଲକ ସଭାପତି ଯୋଗେଶ୍ୱର ପ୍ରଧାନ, କଣିହାଁ ବ୍ଲକ ସଭାପତି କୃପାସିନ୍ଧୁ ସାହୁ, ପ୍ରଭାତ କୁମାର ସାହୁ, ଲିପୁନ କୁମାର ସାହୁ, ଅଖିଳ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ପୋକତୁଙ୍ଗାରେ ହାତୀ ଉପଦ୍ରବ

**ବନ୍ତଲା,୧୫।୩(ସୁଶିତ ସାହୁ)**

ଅନୁଗୋଳ ବନଖଣ୍ଡ ବନ୍ତଲା ବନାଞ୍ଚଳ ଅନ୍ତର୍ଗତ ପୋକତୁଙ୍ଗା ଗାଁରେ ୧୮ ଟିକିଆ ହାତୀପଲ ଉପଦ୍ରବ ଯୋଗୁ ବ୍ୟାପକ ଫସଲ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ହାତୀ ପଲ ଗତ ୨ଦିନ ଧରି ମଧୁପୁର ଓ ରୁଗୁଡିତଇଳା ଅଞ୍ଚଳରେ ଉପଦ୍ରବ ଜାରି ରଖିଥିଲାବେଳେ ରବିବାର ପୋକତୁଙ୍ଗା ଅଞ୍ଚଳରେ ରହିଥିବା ବନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ଚାଷୀ ପ୍ରହଲ୍ଲାଦ ସାହୁ, ଯୋଗେଶ ସାହୁ, ବିଶିଷ୍ଟ ସାହୁ, ହେମନ୍ତ ମହାଳିକ, ନେପାଳି ସାହୁ, ସରୋଜ ପ୍ରଧାନ, ବୁଲୁ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି, ହାତୀପଲ ବ୍ୟାପକ ପରିବା ଚାଷ ଓ କଦଳୀ ବଗିଚା ନଷ୍ଟ କରି ଦେଇଛନ୍ତି। ଏ ନେଇ ବନ୍ତଲା ରେଞ୍ଜର ପ୍ରସନ୍ନ କୁମାର ସାହୁ କହିଛନ୍ତି, ୨ ଦିନ ହେବ ହାତୀପଲକୁ ଘଉଡ଼ାଇବା ପାଇଁ ଚେଷ୍ଟା ଜାରି ରହିଛି । ଚାଷୀଙ୍କ ଅଭିଯୋଗ ସମ୍ପର୍କରେ ଅବଗତ ଥିବା ସ୍ୱୀକାର କରିବା ସହ ସେମାନଙ୍କୁ କ୍ଷତିପୂରଣ ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ରେଞ୍ଜର ସାହୁ ପ୍ରକାଶ କରିଛନ୍ତି।


ବନାଞ୍ଚଳ ଅନ୍ତର୍ଗତ ପୋକତୁଙ୍ଗା ଗାଁରେ ୧୮ ଟିକିଆ ହାତୀପଲ।

# ଅର୍ଥାଭାବରୁ ଅନ୍ୟ ହାତକୁ ଟେକିଦେଇଥିଲେ ବାପା

## ଚାଇଲ୍ଡ ଲାଇନ ଦ୍ୱାରା ୫ ଦିନର ଶିଶୁକନ୍ୟା ଉଦ୍ଧାର ଘଟଣା

**ଛେଣ୍ଡିପଦା,୧୫।୩(ଅଜିତ ଧଳ)**

ଅନୁଗୋଳ ଜିଲା ଜରପଡ଼ା ଥାନା କତଡ଼ା ଗ୍ରାମ ନିକଟସ୍ଥ ଭାବଗ୍ରାହୀପୁର ଜଙ୍ଗଲରୁ ୫ ଦିନର ଶିଶୁକନ୍ୟା ଉଦ୍ଧାର ପରେ ଢେଙ୍କାନାଳରେ ବିକ୍ରି ନେଇ ଅଭିଯୋଗ ହୋଇଥିବାବେଳେ ଏହି ଘଟଣା ରବିବାର ନୂଆମୋଡ଼ ନେଇଛି। ଅର୍ଥାଭାବରୁ ଶିଶୁକନ୍ୟାଙ୍କୁ ତାଙ୍କ ବାପା ହିଁ ଅନ୍ୟ ହାତରେ ଟେକି ଦେଇଥିବା ଜରପଡ଼ା ଥାନା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ଭାବଗ୍ରାହୀପୁର ଜଙ୍ଗଲରୁ ୫ ଦିନର ଶିଶୁକନ୍ୟାଙ୍କୁ ପାଇ ଜଣେ ଗୋରୁ ଚରାଳି ଢେଙ୍କାନାଳର ଏକ ଦମ୍ପତିଙ୍କୁ ବିକ୍ରି କରିଦେଇଥିବା ନେଇ ୪ ଦିନ ପରେ ଚାଇଲ୍ଡ ଲାଇନକୁ ଖବର ମିଳିଥିଲା। ଚାଇଲ୍ଡ ଲାଇନ ସଦସ୍ୟମାନେ ଢେଙ୍କାନାଳରୁ ସମ୍ପୃକ୍ତା ଶିଶୁକନ୍ୟାଙ୍କୁ ଉଦ୍ଧାର କରିବା ପରେ ଶନିବାର ରାତି ପ୍ରାୟ ୧୦ଟା ୩୦ରେ ଚାଇଲ୍ଡ ଲାଇନର ରୋଜାଲିନ ସାହୁ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଶିଶୁକନ୍ୟାଙ୍କୁ ଅନୁଗୋଳ ନିଆଯାଇ ଚିକିତ୍ସା କରାଯାଇଥିଲା। ଶିଶୁକନ୍ୟାଟି ସୁସ୍ଥ ଥିବା ସିଡବ୍ଲୁସି ଚେୟାରପର୍ସନ ସୂଚନା ଦେଇଥିବାବେଳେ ଘଟଣା ନେଇ ଥାନାରେ ଅଭିଯୋଗ କରାଯିବ ବୋଲି କହିଛନ୍ତି। ଅପରପକ୍ଷେ ଚାଇଲ୍ଡ ଲାଇନର ଅଭିଯୋଗ ପାଇ ଜରପଡ଼ା ପୋଲିସ ଶିଶୁକନ୍ୟାଙ୍କୁ ଜଙ୍ଗଲରୁ ପାଇଥିବା ଗୋରୁ ଚରାଳି ଓ ତାଙ୍କ ସ୍ତ୍ରୀଙ୍କୁ ଥାନାକୁ ଡାକି ପଚରାଉଚରା କରିଥିଲା। ସେଠାରେ ଗୋରୁଚରାଳି ଶିଶୁକନ୍ୟାଟି ତାଙ୍କର ବୋଲି କହିବା ସହ ସେ ନିଜେ ଅର୍ଥାଭାବରୁ ଅନ୍ୟ ଜଣଙ୍କୁ ଦେଇଥିବା ସ୍ୱୀକାର କରିଥିଲେ। ତାଙ୍କର ୪ଟି ସନ୍ତାନ ଥିବାରୁ ସେମାନଙ୍କୁ ଲାଳନପାଳନ କରିବା କଷ୍ଟକର ହୋଇପଡିଥିଲା। ତେଣୁ ବାଧ ହୋଇ ସେ ନବଜାତ କନ୍ୟାସନ୍ତାନଙ୍କୁ ଅନ୍ୟ ହାତକୁ ଟେକି ଦେଇଥିଲେ। ଏଥିପାଇଁ ଟଙ୍କା ନେଇନାହାନ୍ତି ବୋଲି କହିଥିବା ପୋଲିସ ସୂଚନା ଦେଇଛି। ସୋମବାର ସିଡବ୍ଲୁସି ଆଗରେ ପୁଣିଥରେ ଶିଶୁକନ୍ୟାଙ୍କ ବାପା ଓ ମା'ଙ୍କୁ ହାଜର କରାଯିବ ବୋଲି ଜରପଡ଼ା ଥାନା ଅଧିକାରୀ ମନୋଜ ପ୍ରଧାନ କହିଛନ୍ତି।

# ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

**ବଇଣ୍ଡା,୧୫।୩(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ଥାନା ସାହାଜବାହାଳି ଗ୍ରାମର ଅନସୂୟା ପ୍ରଧାନଙ୍କୁ ସେହି ଅଞ୍ଚଳର ଅଗସ୍ତି ବେହେରା, ଅରକ୍ଷିତ ବେହେରା ହତ୍ୟା ଧମକ ଦେଉଥିବା ଅନସୂୟା ଥାନାରେ ଶନିବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନମ୍ବର ୬୭/୨୬ରେ ଏକ ମାମଲା ରୁଜୁ କରିଛି। ଅନସୂୟାଙ୍କ ମୋବାଇଲକୁ ଅଭିଯୁକ୍ତମାନେ କଲ୍‌କରି ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ବୋଲି ପୋଲିସ ସୂଚନା ଦେଇଛି।


ଅନୁଗୋଳ ସହରରେ ରବିବାର ଅପରାହ୍ନରେ କାଳବୈଶାଖୀ ବର୍ଷା ବେଳେ ସହରବାସୀ ଭିଜି ଭିଜି ଯାତାୟାତ କରୁଛନ୍ତି। (ଫଟୋ- ବୁବୁ)

# ବଡ଼ଡଙ୍ଗିଆଣୀ ଗ୍ରାମରେ ଦୋଳଯାତ୍ରା


ଠାକୁରଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଉଛି।

**ବଇଣ୍ଡା,୧୫।୩(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବଡ଼ଡଙ୍ଗିଆଣୀ ଗ୍ରାମରେ ଶନିବାର ଦୋଳଯାତ୍ରା ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ପକ୍ଷରୁ ଏଥିପଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପ୍ରଭୁ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ବଡ଼ ଡଙ୍ଗିଆଣୀ ଗ୍ରାମ ପରିକ୍ରମା କରାଯାଇଥିଲା। ବାଜା, ବାଣ, ନାମ ସଂକୀର୍ତ୍ତନ ସହ ଲଉଡି ବାଡ଼ି, ଘଣ୍ଟବାଦ୍ୟ, ସଂକୀର୍ତ୍ତନ ମାଧ୍ୟମରେ ପ୍ରଭୁଙ୍କୁ ଯାତ୍ରା ପଡ଼ିଆକୁ ଅଣାଯିବା ପରେ ଦୋଳଯାତ୍ରା ଆରମ୍ଭ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା। ମନୋରଞ୍ଜନ ପାଇଁ ଅପେରା ପରିବେଷଣ କରାଯାଇଥିଲା। ଗ୍ରାମର ଶରତ ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ଦୀପକ ସେଠୀ, ପର୍ଶୁରାମ ପ୍ରଧାନ, ଲୁଲା ପ୍ରଧାନ, ବାଦଲ ପ୍ରଧାନ ପ୍ରମୁଖ ଅଞ୍ଚଳବାସୀ ସହଯୋଗ କରିଥିଲେ।

# ବାଇକ୍ ଚୋରି ଅଭିଯୋଗ

**ଆଠମଲ୍ଲିକ,୧୫।୩ (ଉଦୀପ୍ତ ପୁରୋହିତ)**

ଅନୁଗୋଳ ଜିଲା ଆଠମଲ୍ଲିକ ଥାନା ତାଳବିଜପୁର ଗ୍ରାମର ପପୁନ ସାହୁ ମା' ବିନିକେୟୀଙ୍କ ଅଷ୍ଟଦୋଳ ଯାତ୍ରା ଦେଖିଯାଇଥିବାବେଳେ ତାଙ୍କ ବାଇକ୍ (ନଂ. ଓଡି୦୨ଏପି-୧୧୩୮)କୁ କେହି ଚୋରି ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ତାଳବିଜପୁର ଗ୍ରାମର ପପୁନ ପରିବାର ସଦସ୍ୟଙ୍କ ସହିତ ଯାତ୍ରା ଦେଖିବାକୁ ଯାଇଥିଲେ। ସେ ବିନିକେୟୀ ପୀଠ ନିକଟରେ ବାଇକ୍ ରଖି ମହାନଦୀ ପଠାରେ ପଡ଼ିଥିବା ମେଳାରୁ ସାମଗ୍ରୀ କିଣାକଣି କରୁଥିଲେ। ସେଠାରୁ ଫେରିଲା ପରେ ରଖାଯାଇଥିବା ସ୍ଥାନରେ ବାଇକ୍ ପାଇ ନ ଥିଲେ। ବହୁ ଖୋଜାଖୋଜି ପରେ ନ ପାଇବାରୁ ଗାଡ଼ି ଚୋରି ହୋଇଥିବା ଜାଣିବ ଏ ନେଇ ସେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ପିଇବା ପାଣି ପାଇଁ ହନ୍ତସନ୍ତ ମଇମୁରା ପଞ୍ଚାୟତବାସୀ

## ଗ୍ରୀଷ୍ମ ଆରମ୍ଭରୁ ଦେଖାଦେଲାଣି ଜଳସଙ୍କଟ

**ବଇଣ୍ଡା,୧୫।୩(ପରିକ୍ଷିତ ସାହୁ)**

ଗ୍ରୀଷ୍ମ ପ୍ରବାହ ଆରମ୍ଭରୁ ସୃଷ୍ଟି ହେଲାଣି ପାନୀୟ ଜଳ ସଙ୍କଟ। ଗାଁରେ ଥିବା ନଳକୂପଗୁଡ଼ିକ ମଧ୍ୟରୁ ଅନେକଟିର ଜଳସ୍ତର ହ୍ରାସ କାରଣରୁ ଆବଶ୍ୟକ ପରିମାଣର ପାଣି ବାହାରୁ ନ ଥିବାବେଳେ ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ଜଳଯୋଗାଣ ପ୍ରକଳ୍ପ ମଧ ସବୁ ଗାଁ ପାଇଁ ଏଯାଏ ନିର୍ମାଣ ହୋଇନାହିଁ। ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମଇମୁରା ପଞ୍ଚାୟତରେ ଏପରି ପାନୀୟ ଜଳ ସଙ୍କଟ ଦେଖିବାକୁ ମିଳିଛି। ପଞ୍ଚାୟତର କେବଳ କୁତୁଲିସିଙ୍ଗା ଗ୍ରାମ ପାଇଁ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ଯୋଗାଣ କରାଯାଉଥିବା ବେଳେ ଅନ୍ୟ ଗ୍ରାମଗୁଡ଼ିକର ଲୋକେ ବିଶୁଦ୍ଧ ପାଣି ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି।


ଖୋଲା କୂଅରୁ ମହିଳାମାନେ ପିଇବା ପାଣି ସଂଗ୍ରହ କରୁଛନ୍ତି।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ମଇମୁରା ପଞ୍ଚାୟତରେ ୪,୫୫୬ ଲୋକଙ୍କ ପାନୀୟ ଜଳ ବ୍ୟବସ୍ଥା ପାଇଁ ୧୫୬ଟି ସରକାରୀ ନଳକୂଅ ରହିଛି। ହେଲେ ଦୀର୍ଘବର୍ଷ ଧରି ଏହାର ଆବଶ୍ୟକ ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ଅନେକ ନଳକୂଅରେ ଲାଗିଥିବା ଲୁହା ପାଇପ୍‌ରୁ ଲୌହଗୁଣ୍ଡ ମିଶା ପାଣି ବାହାରୁଥିବାରୁ ଅଞ୍ଚଳବାସୀ ଠିକ୍ ଭାବେ ବ୍ୟବାହାର କରି ପାରୁନାହାନ୍ତି। ସରକାରଙ୍କ ପକ୍ଷରୁ କେବଳ କୁତୁଲିସିଙ୍ଗା ଗ୍ରାମକୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବେଳେ ପଞ୍ଚାୟତର ଲବିଙ୍ଗ, ତରଣ୍ଡା, ବିପ୍ରଡିହ, କୋରାବ, ରାମପୁର, ଝଟିକିବାହାଳ, କଂସାବ, କାଶୀନାଥପୁର, ପିତାବଳିବାହାଳ, ଘଣାଯୋଡ଼ି, କଳଚିକଟା, ଗୋପପୁର, ଧୋଡ଼ାଖୋଳ ଆଦି ଗ୍ରାମଗୁଡ଼ିକ ପାଇଁ ଏହା ଏବେ ବି ସ୍ୱପ୍ନ ହୋଇ ରହିଛି। ଏସବୁ ଗ୍ରାମବାସୀଙ୍କ ପାଇଁ ନଳକୂଅ ଓ ଖୋଲାକୂଅ ଏକମାତ୍ର ଭରସା ପାଲଟିଛି। ହେଲେ ଅନେକ ନଳକୂଅ ଓ ଖୋଲାକୂଅର ଜଳସ୍ତର ହ୍ରାସ ଯୋଗୁ ପାଣି ସଂଗ୍ରହ ପାଇଁ ମହିଳାମାନଙ୍କୁ ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତୁରନ୍ତ ଏସବୁ ଗାଁକୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଆଠମଲ୍ଲିକ ଜଳ ଯୋଗାଣ ବିଭାଗର କନିଷ୍ଠଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, ଉକ୍ତ ଗ୍ରାମଗୁଡ଼ିକୁ ମେଗା ଜଳ ଯୋଗାଣ ପ୍ରକଳ୍ପ ଜରିଆରେ ପିଇବା ପାଣି ଯୋଗାଇ ଦିଆଯିବ।

